ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, April 3/2025 Page 14 ₹ 7.00 | DHENKANAL
୫୧ଶ ଭାଗ ୧୨୮ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 128 ମୂଲ୍ୟ₹୭/-

DSPL-11



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ୨୦୨୫

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

**ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ**

**୩ ଅପ୍ରେଲ ୨୦୨୫**



## ଆମ ପୋଷାକ ଆମ ପରିଚୟ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31047/13/0002/2425

# ଜଙ୍ଗଲ ଜମି ସଫାକୁ ବିରୋଧ

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିଚାର୍ଜ

**ହାଇଦ୍ରାବାଦ, ୨।୪**

ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ(ୟୁଓଏଚ୍) ନିକଟସ୍ଥ କାଞ୍ଚା ଗଚିବ୍ୱଲି ଅଞ୍ଚଳରେ ଥିବା ୪୦୦ ଏକର ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। କାଞ୍ଚା ଗଚିବ୍ୱଲିରେ ତେଲଙ୍ଗାନା ଶିଳ୍ପ ଭିତ୍ତିଭୂମି ନିଗମ (ଟିଜିଆଇଆଇସି) ମାଧ୍ୟମରେ ଏକ ଆଇଟି ପାର୍କ ନିର୍ମାଣ କରାଯିବା ସହ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ତେବେ ବିକାଶମୂଳକ ପ୍ରକଳ୍ପ ନାଁରେ ସବୁଜ ଆବରଣ ନଷ୍ଟ କରାଯିବା ଘଟଣାକୁ ବିରୋଧ କରି ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ସୋମବାରଠାରୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ କ୍ଲାସ ବୟକଟ



କାଞ୍ଚା ଗଚିବ୍ୱଲିସ୍ଥିତ ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି।

କରିବା ସହ ଧାରଣାରେ ବସି ରହିଛନ୍ତି।

ଧାରଣାର ନେତୃତ୍ୱ ନେଉଥିବା ୟୁଓଏଚ୍ ଛାତ୍ର ସଂସଦର ଉପ ସଭାପତି ଆକାଶ କୁମାର କହିଛନ୍ତି, କାଞ୍ଚା ଗଚିବ୍ୱଲି ହେଉଛି ଶତାଧିକ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବାସସ୍ଥଳ। ଯେପର୍ଯ୍ୟନ୍ତ କାଞ୍ଚା ଗଚିବ୍ୱଲି ଜଙ୍ଗଲ ଜମି ସଫା କାର୍ଯ୍ୟକୁ ବନ୍ଦ କରା ନ ଯିବ, ସେଯାଏଁ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି ରହିବ ବୋଲି ଆକାଶ କହିଛନ୍ତି। ଗତ ୩୦ରେ କାଞ୍ଚା ଗଚିବ୍ୱଲିରେ ଥିବା ଜଙ୍ଗଲ ଜମିରେ ପୋଲିସ ମୁତୟନ ହେବା ସହ ଏବଂ ମାଟି ହଟାଇବାର ବିଭିନ୍ନ ଉପକରଣକୁ ଦେଖି କେତେଜଣ ଛାତ୍ରୀଛାତ୍ର ଏବଂ ପରିବେଶ କାର୍ଯ୍ୟକର୍ତ୍ତା ବିରୋଧ କରିଥିଲେ। ସେମାନେ ଏହି ବିକାଶମୂଳକ ପ୍ରୋଜେକ୍ଟକୁ ବନ୍ଦ କରିବା ପାଇଁ ପ୍ରୟାସ କରିଥିଲେ। ଫଳରେ ସେଠାରେ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର ଏବଂ ପରିବେଶ କର୍ମୀଙ୍କ ମଧ୍ୟରେ ହାତାହାତି ସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ସହ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ଅଟକ ରଖି କିଛି ସମୟ ପରେ ଛାଡ଼ି ଦେଇଥିଲା।

ବିଭିନ୍ନ ଛାତ୍ର ସଙ୍ଗଠନ ଓ ପରିବେଶ କର୍ମୀଙ୍କ ଅନୁଯାୟୀ, କାଞ୍ଚା ଗଚିବ୍ୱଲିରେ


ବିବାଦୀୟ ୪୦୦ ଏକରର ଜଙ୍ଗଲ ଜମି।

ଜଙ୍ଗଲ ଜମିକୁ ସଫା କରିବା, ପରିବେଶ ଉପରେ ଗମ୍ଭୀର ପ୍ରଭାବ ପକାଇବ। ସ୍ଥାନୀୟ ଜଳବାୟୁ ଗବେଷକ ଅରୁଣ ଭାଷିରେଡ୍ଡୀ କହିଛନ୍ତି, କାଞ୍ଚା ଗଚିବ୍ୱଲିରେ ସବୁଜ ଆବରଣକୁ ନଷ୍ଟ କରାଯିବା ଦ୍ୱାରା ସ୍ଥାନୀୟ ତାପମାତ୍ରା ୧ରୁ ୪ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ୟୁଓଏଚ୍ ଓ ଏହାର ଆଖପାଖ ଅଞ୍ଚଳରେ ପରିବେଶଗତ ସନ୍ତୁଳନ ନଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ କାଞ୍ଚା ଗଚିବ୍ୱଲିରେ ଜଙ୍ଗଲ ଜମିର ମାଲିକାନା ରାଜ୍ୟ ସରକାରଙ୍କ ପାଖରେ ରହିଛି। ତେଣୁ ବିକାଶମୂଳକ ପ୍ରକଳ୍ପ ମାଧ୍ୟମରେ ଏହି ଅଞ୍ଚଳକୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ପରିପୂର୍ଣ୍ଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ୟୁଓଏଚ୍ ନିକଟରେ ଆଇଟି ପାର୍କ ନିର୍ମାଣ କରାଯିବା ସହ ଉକ୍ତ ଅଞ୍ଚଳରେ ସହରାଞ୍ଚଳ ସଂଯୋଗୀକରଣକୁ ମଜଭୁତ କରାଯିବ ବୋଲି ତେଲଙ୍ଗାନା ସରକାର କହିଛନ୍ତି।

ବୁଧବାର ଏହି ପ୍ରୋଜେକ୍ଟ ବିରୋଧରେ ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ଏକ ରାଲି ବାହାର କରିଥିଲେ। ଏହି ଅବସରରେ ଏକଜୁଟତା ଦେଖାଇବା ପାଇଁ ୟୁଓଏଚ୍‌ର ଶିକ୍ଷକ ସଂଘ ମଧ୍ୟ ଛାତ୍ରୀଛାତ୍ରଙ୍କ ସହ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଆମ୍ବେଡକର ଅଡିଟୋରିଅମରୁ ପୂର୍ବ କ୍ୟାମ୍ପସ୍ ପର୍ଯ୍ୟନ୍ତ ପ୍ରଦର୍ଶନକାରୀଙ୍କ ଏକ ରାଲି ବାହାରିଥିଲା। ତେବେ ଏହାପୂର୍ବରୁ ପୂର୍ବ କ୍ୟାମ୍ପସ୍‌ରେ ବ୍ୟାରିକେଡ୍ ଲଗାଯିବା ସହ ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲା। ପୋଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇ ଲାଠିଚାର୍ଜ କରିଥିଲା।

## ୪୦୦ ଏକର ଜଙ୍ଗଲ ଜମି ସଫା ଉପରେ ରୋକ

### ତେଲଙ୍ଗାନା ସରକାରଙ୍କୁ ହାଇକୋର୍ଟଙ୍କ ଝଟକା

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲା କାଞ୍ଚା ଗଚିବ୍ୱଲିରେ ଜଙ୍ଗଲ ଜମି ସଫା କରାଯିବା ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ବୁଧବାର ତେଲଙ୍ଗାନା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଜମି ସଫା କରାଯିବା ବିରୋଧରେ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସୁଜୟ ପାଲ ଏବଂ ଜଷ୍ଟିସ୍ ରେଣୁକା ୟାରାଙ୍କୁ ନେଇ ଗଠିତ ଡିଭିଜନ ଖଣ୍ଡପୀଠ ଜଙ୍ଗଲ ଜମି ସଫା କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, କାଞ୍ଚା ଗଚିବ୍ୱଲିର ୪୦୦ ଏକର ଜଙ୍ଗଲରେ ଗଛ କଟାଯିବାକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଧବାର କେନ୍ଦ୍ର ସରକାର ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶଗତ ଆଇନ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଉ ବୋଲି ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଏସ୍. ସୁନ୍ଦରଙ୍କ ପକ୍ଷରୁ ତେଲଙ୍ଗାନା ସରକାରଙ୍କୁ ଏକ ଚିଠି ଜାରି କରାଯାଇ ନିର୍ଦ୍ଦେଶ ଦିଆଯାଇଛି।

## ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

**ଜମ୍ମୁ, ୨।୪(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ ଅଞ୍ଚଳରେ ଏକ ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଭାରତୀୟ ସେନା ପ୍ରଭାବଶାଳୀ ଢଙ୍ଗରେ ଏହାର ଜବାବ ଦେଇଥିବା ବୁଧବାର ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନା ପାଟ୍ରୋଲିଂ କରୁଥିବାବେଳେ ଏକ ମାଇନ୍ ବିସ୍ଫୋରଣ ହୋଇଥିଲା। ଏହା ପରେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ପାକିସ୍ତାନୀ ସୈନ୍ୟ ଏଲ୍‌ଓସି ଅତିକ୍ରମ କରି ଯବାନମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ତେବେ ଏହି ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଭାରତୀୟ ସୁରକ୍ଷା ବଳର କେହି ମୃତାହତ ହୋଇ ନାହାନ୍ତି। ଅନ୍ୟପକ୍ଷେ ମାଇନ୍ ବିସ୍ଫୋରଣ ଏବଂ ଯବାନଙ୍କ ଗୁଳିମାଡ଼ରେ ୫ ପାକିସ୍ତାନୀ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୧ ଫେବୃଆରୀ ୨୫ରେ ଭାରତ ଓ ପାକିସ୍ତାନ ଦୁଇଦେଶର ସୀମାରେ ଅସ୍ତ୍ରବିରତି ପାଇଁ ପୁନଃ ଚୁକ୍ତିବଦ୍ଧ ହୋଇଥିଲେ। ଏହା ସତ୍ତ୍ୱେ ଗତ ଫେବୃଆରୀରେ ପୁଞ୍ଛ୍-ରୋଜୌରି ସେକ୍ଟରରେ ପାକିସ୍ତାନ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୧୧ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଭାରତୀୟ ଯବାନ ଶହୀଦ ହୋଇଥିଲେ।

**ପୁରୁଷ ବନ୍ଧୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ...**

## ଯୁବତୀଙ୍କୁ ପୀଡ଼ିତା ମନେକରିବା ଭୁଲ୍

**ନୂଆଦିଲ୍ଲୀ, ୨।୪**



ଶାରୀରିକ ସମ୍ପର୍କ ସ୍ଥାପନ ପରେ ଯୋଡ଼ିଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣୁଥିବା ଧାରାକୁ ଦେଖି ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜ ବିରୋଧରେ ବଳାତ୍କାର ମାମଲା ଖାରଜ ସକାଶେ ଜଣେ ପୁରୁଷଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରରେଶ ଏବଂ ରାଜେଶ ବିନ୍ଦାଲଙ୍କ ଖଣ୍ଡପୀଠ କହିଛନ୍ତି, ରୋମାନ୍ସ ବିଫଳ ହୋଇଗଲେ କିମ୍ବା ଯୋଡ଼ି ଭାଙ୍ଗିଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିଶେଷକରି ସମାଜରେ ପରିବର୍ତ୍ତନଶୀଳ ନୈତିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ବ୍ରେକ୍‌ଅପ୍ ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦ୍ୱାହି ଦେଇ ଏପରି ଅଭିଯୋଗ ଅଣାଯିବା ଅନୁଚିତ।

ଆଲୋଚ୍ୟ ମାମଲାରେ ମହିଳା ଜଣକ ନିଜ ପିଟିଶନରେ ତାଙ୍କ ପୂର୍ବତନ ପୁରୁଷ ବନ୍ଧୁଙ୍କ ବିରୋଧରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ଆଣିଥିଲେ। ଏହାକୁ ତାଙ୍କ ପୁରୁଷ ବନ୍ଧୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଏହା ଉପରେ ଆହୁରି କହିଛନ୍ତି, ଅଧିକାଂଶ ସମୟରେ ଏକ ରୁଢ଼ିବାଦୀ ମାନସିକତାର ପରିଣାମରୁ ଏଭଳି ଅଭିଯୋଗ ଆସିଥାଏ। ଆମ ବ୍ୟବସ୍ଥାରେ ଅଭାବ ଥିବାରୁ ମହିଳାମାନେ ପୁରୁଷଙ୍କୁ ଦୋଷ ଦେଇଥାନ୍ତି। ସମ୍ପୃକ୍ତ ମହିଳା ତାଙ୍କ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ୫ଟି ମାମଲା ଦାଏର କରିଛନ୍ତି। ମହିଳା ଜଣକ ଯଦି ଏତେ ନୀରିହା ତେବେ ସେ ସୁପ୍ରିମକୋର୍ଟକୁ ଆସି ନ ଥାଆନ୍ତେ। ସେ ଜଣେ ସାବାଳିକା। ତେଣୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଯୋଗୁ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ବୋଲି କହିବା ଅନୁଚିତ। ଏଠି ମହିଳାଙ୍କ ଯୁକ୍ତିକୁ ସତ ବୋଲି ଧରିନେଲେ କଲେଜରେ ଝିଅ ଓ ପୁଅଙ୍କ ମଧ୍ୟରେ ଯେକୌଣସି ସମ୍ପର୍କ ଦଣ୍ଡନୀୟ ହୋଇପାରିବ। ଧରାଯାଉ, ଉଭୟେ ପରସ୍ପରକୁ ଭଲ ପାଉଥିଲେ। ସମ୍ବନ୍ଧକୁ ଝିଅ ବିରୋଧ କଲେ ଏବଂ ପୁଅ କହିଲେ, ମୁଁ ଆସନ୍ତା ସପ୍ତାହରେ ତୁମକୁ ବିବାହ କରିବି। କିନ୍ତୁ ପରେ କୌଣସି କାରଣବଶତଃ ବିବାହ ସମ୍ପନ୍ନ ହୋଇ ନ ପାରିଲେ ତାହା ମଧ୍ୟ ଅପରାଧର ପଦବାଚ୍ୟ ହେବ। ତେଣୁ ଏଭଳି ମାମଲାରେ ଝିଅଙ୍କୁ ପୀଡ଼ିତା ଭାବେ ଦେଖାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

## ପୁନମ ଗୁପ୍ତା ଆର୍‌ବିଆଇର ନୂତନ ଡେପୁଟି ଗଭର୍ନର

**ନୂଆଦିଲ୍ଲୀ, ୨।୪**



କେନ୍ଦ୍ର ସରକାର ବୁଧବାର ପୁନମ ଗୁପ୍ତାଙ୍କୁ ୩ ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ନିଯୁକ୍ତି ଦେଇଛନ୍ତି। ପୁନମ ବର୍ତ୍ତମାନ ଇକୋନୋମିକ ପଲିସି ଥିଙ୍କ୍ ଟାଙ୍କ୍ 'ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍‌ସିଏଇଆର୍)'ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ପୁନମ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅଛନ୍ତି ଓ ସେ ୧୬ଶ ଅର୍ଥ ଆୟୋଗ ପାଇଁ ପରାମର୍ଶ ପରିଷଦର ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ୨୦୨୧ରେ ଏନ୍‌ସିଏଇଆର୍‌ରେ ଯୋଗ ଦେଇଥିଲେ। ପୁନମ ଏହାପୂର୍ବରୁ ୨ ଦଶନ୍ଧି ଧରି ଆଇଏମ୍ଏଫ୍ ଏବଂ ୱାର୍ଲ୍ଡ ବ୍ୟାଙ୍କ ପାଇଁ ୱାଶିଂଟନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ।

## ଜର୍ମାନ ପର୍ଯ୍ୟଟକଙ୍କୁ କାର୍‌ରେ ବଳାତ୍କାର

**ହାଇଦ୍ରାବାଦ, ୨।୪**

ହାଇଦ୍ରାବାଦରେ ଜଣେ ମହିଳା ଟୁରିଷ୍ଟ (୨୨)ଙ୍କୁ କାର୍‌ରେ ବଳାତ୍କାର କରାଯାଇଥିବାର ଘଟଣା ସାମ୍ନାକୁ ଆସିଛି। ଜଣେ କ୍ୟାବ୍ ଡ୍ରାଇଭର (୨୪) ଉକ୍ତ ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଗତ ମାସ ୪ ତାରିଖରେ ପୀଡ଼ିତା ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ହାଇଦ୍ରାବାଦକୁ ଭ୍ରମଣ ପାଇଁ ଆସିଥିଲେ। ସୋମବାର ଇଦ୍ ଉପଲକ୍ଷେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ସହର ଭ୍ରମଣ କରାଇବାର ସୁଯୋଗ ନେଇ କ୍ୟାବ୍ ଡ୍ରାଇଭର ଜଣକ ପୀଡ଼ିତା ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ।

**ଫୁର୍‌ସତ୍**

## କହ୍ନେୟା ଲାଲ୍ ହତ୍ୟାକାଣ୍ଡକୁ ନେଇ 'ଜ୍ଞାନବାପି ଫାଇଲ୍ସ'



**ମୁମ୍ବାଇ**

୨୦୨୨ ଜୁନ ୨୮ରେ ଦରଜି କହ୍ନେୟା ଲାଲ୍‌ଙ୍କ ନିର୍ମମ ହତ୍ୟାକୁ ନେଇ ଖୁବ୍‌ଶୀଘ୍ର 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ବଲିଉଡ୍ ଅଭିନେତା ବିଜୟ ରାଜ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍ ହେବା ସହ ଫିଲ୍ମରେ ବିଜୟଙ୍କ ଲୁକ୍ ଉପରୁ ପରଦା ହଠିଛି। ସେହିପରି ଏହି ଫିଲ୍ମର ରିଲିଜ୍ ତାରିଖକୁ ମଧ୍ୟ ଘୋଷଣା କରାଯାଇଛି।

ଆସନ୍ତା ଜୁନ୍ ୨୭ରେ 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କମ୍ପାନୀ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ଏହି ସୂଚନା ଦିଆଯାଇଛି। ସେହିପରି ଉକ୍ତ ପୋଷ୍ଟରେ ଫିଲ୍ମର ପ୍ରଥମ ପୋଷ୍ଟରକୁ ମଧ୍ୟ ଶେୟାର କରାଯାଇଛି। କ୍ୟାପ୍‌ଶନରେ ଲେଖାଯାଇଛି, ଏପରି ଏକ କାହାଣୀର ସାକ୍ଷୀ ହୁଅନ୍ତୁ, ଯାହାର ସତ୍ୟତା ପ୍ରଥମଥର ପାଇଁ ସାମ୍ନାକୁ ଆସିବ।

କହ୍ନେୟା ଲାଲ୍ ହତ୍ୟାକାଣ୍ଡର ସମ୍ବେଦନଶୀଳ ପ୍ରକୃତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଫିଲ୍ମର କାହାଣୀ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ଏହି ଫିଲ୍ମରେ କହ୍ନେୟା ଲାଲ୍ ହତ୍ୟାକାଣ୍ଡ ଏବଂ ଏହା ସହ ଜଡ଼ିତ ଥିବା ପରବର୍ତ୍ତୀ ଘଟଣାଗୁଡ଼ିକୁ ବିସ୍ତୃତଭାବେ ଦେଖାଯିବ ବୋଲି ସିନେ ସମୀକ୍ଷକମାନେ ଆଶା କରିଛନ୍ତି। ପ୍ରକାଶ ଯେ, ୨୦୨୨ ଜୁନ୍ ୨୮ରେ ରାଜସ୍ଥାନର ଉଦୟପୁରରେ ୨ ଜଣ ଆକ୍ରମଣକାରୀ କହ୍ନେୟା ଲାଲ୍‌ଙ୍କ ମୁଣ୍ଡ କାଟି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଭାଜପାର ପୂର୍ବତନ ମୁଖପାତ୍ର ନୁପୁର ଶର୍ମାଙ୍କ ପେଗମ୍ବର ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟକୁ କହ୍ନେୟା ତାଙ୍କ ସୋସିଆଲ ମିଡିଆରେ ସମର୍ଥନ କରିଥିଲେ। ତେଣୁ ତାଙ୍କ ମୁଣ୍ଡକାଟ କରାଯାଇ ପେଗମ୍ବର ମହମ୍ମଦଙ୍କୁ କରାଯାଇଥିବା ଅପମାନର ପ୍ରତିଶୋଧ ନିଆଯାଇଛି ବୋଲି ଉଭୟ ଆକ୍ରମଣକାରୀ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି କହିଥିଲେ।

## ୧୦ ସେ.ମି.ର ସବୁଠୁ ଲମ୍ବା ଜିଭ

**ନ୍ୟୁୟର୍କ**



ସମ୍ପ୍ରତି ବିଭିନ୍ନ ଶ୍ରେଣୀରେ ରେକର୍ଡ ସୃଷ୍ଟି କରି ଚର୍ଚ୍ଚାକୁ ଆସୁଥିବା ଲୋକଙ୍କର କୌଣସି ଅଭାବ ନାହିଁ। ନିକଟରେ ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ମହିଳା ଚାନେଲ ଟାପର ମଧ୍ୟ ଠିକ୍ ଏହିପରି ଏକ ରେକର୍ଡ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ୯.୭୫ ସେଣ୍ଟିମିଟର (୩.୮୪ ଇଞ୍ଚ) ଲମ୍ବା ଜିଭ ସହ ଟାପର ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ପଞ୍ଜୀକୃତ କରିଛନ୍ତି। ସବୁଠାରୁ ଲମ୍ବା ଜିଭ ଥିବା ମହିଳା ଭାବେ ଟାପର ଏହି ରେକର୍ଡ କରିଛନ୍ତି। ଫଳରେ ତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୋସିଆଲ ମିଡିଆରେ ଟାପରଙ୍କ ଏତେ ଲମ୍ବା ଜିଭକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଆଉ କେତେଜଣ ୟୁଜର୍ସ ଟାପରଙ୍କ ପୋଷ୍ଟରେ ମଜାଦାର ମିମ୍ସ ଓ କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଜିଭକୁ ନେଇ ପୂର୍ବରୁ ମଧ୍ୟ ଜିଡବ୍ଲ୍ୟୁଆର୍‌ରେ ଅନେକ ରେକର୍ଡ ସ୍ଥାନ ପାଇଛି। ୧୦.୧ ସେ.ମି. ଜିଭ ସହ ଷ୍ଟୋଏବର୍ଲ ନାମକ ଜଣେ ବ୍ୟକ୍ତି ସବୁଠାରୁ ଲମ୍ବା ଜିଭ ରଖିଥିବା ପୁରୁଷ ଭାବେ ପୂର୍ବରୁ ରେକର୍ଡ ସୃଷ୍ଟି କରି ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇଥିଲେ।

ବୈଜ୍ଞାନିକଙ୍କ ଅନୁଯାୟୀ, ବିଭିନ୍ନ ଜେନେଟିକ୍ ଏବଂ ଜୈବିକ କାରଣ ଯୋଗୁ ଲୋକମାନଙ୍କ ଜିଭର ଲମ୍ବ ଭିନ୍ନ ଭିନ୍ନ ହୋଇଥାଏ। ଏହି କାରଣରୁ କିଛି ଲୋକଙ୍କ ଶରୀରର କେତେକ ଅଙ୍ଗ ସ୍ୱାଭାବିକଠାରୁ ବଡ଼ ହୋଇଯାଇଥାଏ। ଠିକ୍ ଏହିପରି ଭାବେ ଟାପରଙ୍କ ଜିଭ ବହୁତ ଲମ୍ବା ହୋଇଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।



ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ | Bhubaneswar, Thursday, April 3/2025 | ପୃଷ୍ଠା-୧

# ଓଡ଼ିଶା ଆଧାର କାର୍ଡରେ ତେଲୁଗୁ ଭାଷା

**କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଲଗାତର ଉଦ୍ୟମ କରିଆସୁଛି। ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତବାସୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ସେମାନଙ୍କୁ କରାୟତ୍ତ ପାଇଁ ଆନ୍ଧ୍ର ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ସେଥିପାଇଁ ସେମାନେ ବିଭିନ୍ନ ସରକାରୀ ଯୋଜନାରେ କୋଟିଆବାସୀଙ୍କୁ ଲାଭାନ୍ୱିତ କରିବାକୁ ଯାଇ ଓଡ଼ିଆ ବଦଳରେ ତେଲୁଗୁ ଭାଷା ବ୍ୟବହାର ପାଇଁ ଚାପ ପକାଉଛନ୍ତି। ଏପରି କି ଆଧାର କାର୍ଡର ତଥ୍ୟ ତେଲୁଗୁରେ ଉଲ୍ଲେଖ କରିବାକୁ ସେମାନେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଏଭଳିସ୍ଥଳେ ଓଡ଼ିଶା ଅଧିକାରୀଙ୍କ ଅବହେଳା ଓ ତ୍ରୁଟି ଆନ୍ଧ୍ର ଅଧିକାରୀଙ୍କ ଉଦ୍ଦେଶ୍ୟକୁ ଅନେକାଂଶରେ ସଫଳ କରୁଛି। କାରଣ କୋଟିଆର ଅନେକ ଲୋକଙ୍କ ଆଧାର କାର୍ଡରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଓଡ଼ିଆ ପରିବର୍ତ୍ତେ ତେଲୁଗୁ ଭାଷାରେ ଉଲ୍ଲେଖ ହୋଇଥିବାବେଳେ ନାମ, ବୟସ, ଠିକଣା ଆଦି କେତେକ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳସ୍ୱରୂପ କୋଟିଆ ଅଧିବାସୀ ଓଡ଼ିଶା ସରକାରଙ୍କ ଜନକଲ୍ୟାଣକାରୀ ସୁବିଧାରୁ ବଞ୍ଚିତ ହୋଇ ଆନ୍ଧ୍ର ଆଡ଼କୁ ଢଳିବା ଭଳି ସ୍ଥିତି ଉପୁଜିଛି।**

## କାର୍ଡରେ ତଥ୍ୟଗତ ତ୍ରୁଟି, ଲାଭ ଉଠାଉଛି ଆନ୍ଧ୍ର



ଆଧାର କାର୍ଡରେ କୋରାପୁଟ ଜିଲା କୋଟିଆର ଖରା ଝିପାଇଙ୍କ ତଥ୍ୟ ତେଲୁଗୁ ଭାଷାରେ ଉଲ୍ଲେଖ ରହିଛି।

**ପଟ୍ଟାଙ୍ଗି,୨।୪**
**(ଶରତ କୁମାର ଧଳ)**

ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷିତ ରହିବା ନେଇ ସରକାରୀ ସ୍ତରରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମଙ୍ଗଳବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ଅଞ୍ଚଳରେ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନବେଳେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜଣେ ବୃଦ୍ଧା ଆର୍ଜୁବାଲସା ଗ୍ରାମର ଖରା ଝିପାଇଙ୍କ ପାଖରେ ଥିବା ଓଡ଼ିଶାର ଆଧାର କାର୍ଡରେ ଅନେକ ତଥ୍ୟ ତେଲୁଗୁ ଭାଷାରେ ରହିଛି। ଆଧାର କାର୍ଡ ଯଦି ଓଡ଼ିଶାର ତା'ହେଲେ ଏଥିରେ ତେଲୁଗୁ ଭାଷା ରହିବା ନେଇ ପ୍ରଶ୍ନ ଉଠିଛି। ଖରାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମ୍ପୂର୍ଣ୍ଣ ଭୁଲ୍ ରହିଛି। ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହୋଇଥିବା ବେଳେ କାର୍ଡରେ ୪୫ ବର୍ଷ ଉଲ୍ଲେଖ ରହିଛି। ଏହିପରି ଭୁଲ୍ ତଥ୍ୟ ପାଇଁ ବର୍ତ୍ତମାନ ସୁଦ୍ଧା ଅନେକ ସୀମାନ୍ତବାସୀ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବାବେଳେ ପଡ଼ୋଶୀ ଆନ୍ଧ୍ର ଏହାର ସୁଯୋଗ ନେବାରେ ସଫଳ ହେଉଛି। ଏହିପରି ବ୍ୟତିକ୍ରମ ଯୋଗୁ ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷାର ସୁରକ୍ଷା ନେଇ ବାଧା ରହିଥିବା ଉକ୍ତ ବୃଦ୍ଧାଙ୍କ ଆଧାର କାର୍ଡରୁ ସ୍ପଷ୍ଟ ହେଉଛି। କାର୍ଯ୍ୟକ୍ରମକୁ କାହିଁକି ଆଧାର କାର୍ଡ ନେଇଆସିଛ ବୋଲି ଖରାଙ୍କୁ ପ୍ରଶ୍ନ କରିବାରୁ, ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା କହିଛନ୍ତି। ତେଣୁ ତାଙ୍କୁ ଆଧାର କାର୍ଡ ନେଇ ଆସିବାକୁ କୁହାଯାଇଥିବାରୁ ସେ ଆସିଥିବା କହିଛନ୍ତି।

ଏ ସମ୍ପର୍କରେ ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର ବିଏସ୍‌ଏସ୍‌ଓ ସୁଧୀର ସାହୁଙ୍କୁ ପଚାରିବାରୁ ବୃଦ୍ଧାଙ୍କ ଆଧାର କାର୍ଡ ଅନ୍‌ଲାଇନ୍‌ରେ ଦେଖାଉନାହିଁ। କିନ୍ତୁ ଉକ୍ତ ପଞ୍ଚାୟତର ଅନେକ ସୀମାନ୍ତ ଗ୍ରାମବାସୀ ଦୁଇ ରାଜ୍ୟରୁ ଲାଭ ଉଠାଇବା ପାଇଁ ଆଧାର କାର୍ଡରେ ଏଡିଟିଂ କରି ନିଜ ପାଇଁ ବିପଦ ଆଣିବା ସହ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ରାମକୃଷ୍ଣ ନାୟକଙ୍କୁ ପଚାରିବାରୁ ଏହିପରି ବ୍ୟତିକ୍ରମ ତାଙ୍କ ☞ପୃଷ୍ଠା-୨

# ୮୬୪.୪୫ କୋଟିର ଖଣିଜ ରାଜସ୍ୱ ବାଟମାରଣା

**ରାଜ୍ୟରେ ଗତ ୨୨ ବର୍ଷରେ ଖଣି ଅଞ୍ଚଳରେ ଲିଜ୍‌ଧାରୀମାନେ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିଛନ୍ତି। ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ତାଙ୍କ ରିପୋର୍ଟରେ ରାଜ୍ୟର ଖଣିଜ ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ବେଆଇନ ଉତ୍ତୋଳନ ପାଇଁ ସୁପ୍ରିମ୍‌କୋର୍ଟ ଧାର୍ଯ୍ୟ କରିଥିବା ଜରିମାନା ରାଶି ମଧ୍ୟରୁ ୩,୯୬୬.୩୪ କୋଟି ଟଙ୍କା (ସୁଧ ସହ) ଲିଜ୍‌ଧାରୀମାନଙ୍କଠାରୁ ଆଦାୟ କରିବାରେ ରାଜ୍ୟ ସରକାର ଉଦ୍ୟମ କରିନାହାନ୍ତି। ସେହିପରି ପ୍ରାଧିକୃତ ସଂସ୍ଥା ଦ୍ୱାରା ଲଘୁ ଖଣିଜ କ୍ରୟ ଟ୍ରାନ୍‌ଜିଟ ପାସ୍ ନ ଦେବା ଯୋଗୁ ୨୦୧୫ରୁ ୨୦୨୨ ମଧ୍ୟରେ ୮୬୪.୪୫ କୋଟି ଟଙ୍କାର ଖଣିଜ ରାଜସ୍ୱ ବାଟମାରଣା ହୋଇଛି ବୋଲି ବୁଧବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଦର୍ଶାଯାଇଛି।**

**ସିଏଜି ରିପୋର୍ଟ**

**ବେଆଇନ ଉତ୍ତୋଳନ: ଖଣି ଲିଜ୍‌ଧାରୀଙ୍କଠାରୁ ୩,୯୬୬ କୋଟି ଟଙ୍କା ଆଦାୟ ହୋଇପାରିନି**

**ଭୁବନେଶ୍ୱର,୨।୪**
**(ରବିନାରାୟଣ ଜେନା)**

ନିୟମ ଉଲ୍ଲଂଘନ କରି ଖଣିଜ ପଦାର୍ଥ ଉତ୍ତୋଳନ କରିଥିଲେ ୧୦୦% ଜରିମାନା ହେବ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଏହି କ୍ରମରେ ୧୩୧ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ୧୯,୧୭୪.୩୮ କୋଟି ଆଦାୟ କରାଯିବାକୁ ରାଜ୍ୟ ସରକାରଙ୍କୁ ୨୦୧୭ ଅଗଷ୍ଟରେ ନିର୍ଦ୍ଦେଶ ହୋଇଥିଲା। ହେଲେ ଗତ ୬ ବର୍ଷ ମଧ୍ୟରେ ଜରିମାନା ବାବଦ ୧୯,୧୭୮.୩୮ କୋଟି ଟଙ୍କା ମଧ୍ୟ ୩,୯୬୬.୩୪ କୋଟି ଟଙ୍କା ଆଦାୟ ହୋଇପାରିନାହିଁ। ଏପରି କି ଜରିମାନା ଅନାଦେୟ କ୍ଷେତ୍ରରେ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଅନୁପାଳନ କରାଯାଇନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହାଲେଖାକାର (ଏଜି) ଅତୁଲ୍ୟ ପ୍ରକାଶ କହିଛନ୍ତି, ୨୦୧୭ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଖଣିଜ ଲୁହାପଥର ଓ ମାଙ୍ଗାନିଜ, ପରିବେଶ ଅନୁମତି(ଇସି) କିମ୍ବା ବିନା ଜଙ୍ଗଲ ଅନୁମତି(ଏଫ୍‌ସି) କିମ୍ବା ଉଭୟ ଅନୁମତି ବିନା ଉତ୍ତୋଳନ କରାଯାଇଥିଲେ, ଏମ୍‌ଏମ୍‌ଡିଆର ନିୟମ ୧୯୫୭ ଏବଂ ଧାରା ୨୧ ଅନୁଯାୟୀ ଖଣିଜ ମୂଲ୍ୟର ଶତକଡ଼ା ୧୦୦ଭାଗ ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ଆଦାୟ କରାଯାଇପାରିବ। ଏହାକୁ ନେଇ ସମସ୍ତ ଖଣି ଲିଜଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ମଧ୍ୟରେ କ୍ଷତିପୂରଣ ରାଶି ଆଦାୟ କରାଯିବାକୁ କୁହାଯାଇଥିଲା। ଏସଂକ୍ରାନ୍ତରେ ଏକ କେନ୍ଦ୍ରୀୟ ସଶକ୍ତୀକରଣ କମିଟି ୨୦୧୮ ଜାନୁଆରୀ ୧୭ରେ ହୋଇଥିଲା। କମିଟି ରିପୋର୍ଟରେ ଦର୍ଶାଇଥିଲା ଯେ, ୧୯ହଜାର ୧୭୪.୩୮କୋଟି ଟଙ୍କା ଦାବି ମଧ୍ୟରୁ ୮ହଜାର ୨୮୯.୮୭କୋଟି ଟଙ୍କା ଆଦାୟ ହୋଇଛି ଏବଂ ୧୦ହଜାର ୮୮୪.୫୧କୋଟି ଟଙ୍କା ଆଦାୟ ହୋଇପାରି ନାହିଁ। ସୁପ୍ରିମକୋର୍ଟ ଏନେଇ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ଇସ୍ପାତ ଓ ଖଣି ନିର୍ଦ୍ଦେଶକ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜଙ୍କୁ କହିଥିଲେ। ସମ୍ପୃକ୍ତ ଲିଜଧାରୀଙ୍କ ନାମରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମାମଲା ପରେ ୭୩୭୧.୧୨ କୋଟି ଟଙ୍କା ସୁଧ ସହିତ ଆଦାୟ ହୋଇଛି। ତଥାପି ୬ବର୍ଷ ବିତିଯାଇଥିଲେ ବି ବିଭାଗ ଖଣି ଖୋଲାପକାରୀ ତଥା ଖଣି ଲିଜଧାରୀଙ୍କଠାରୁ ୩୯୬୬.୩୪କୋଟି ଟଙ୍କା ଆଦାୟ କରିବାପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ନ ଥିଲେ ବୋଲି ଅତୁଲ୍ୟ କହିଛନ୍ତି।

ସେହିପରି ସମୀକ୍ଷା ବେଳେ ଲଘୁ ଖଣିଜ ପଦାର୍ଥ ନିଲାମରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ଏନେଇ ଅତୁଲ୍ୟ କହିଛନ୍ତି, ରାଜ୍ୟର ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ ହେଲା ଲଘୁ ☞ପୃଷ୍ଠା-୨

# ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା

**ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୨।୪ (ସୁଚିସ୍ମିତା ସାହୁ)**

ରାଜ୍ୟରେ ବୁଧବାର ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା। ଏହି ଅବସରରେ ଭୁବନେଶ୍ୱରର ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ କୁନି କୁନି ପିଲାମାନେ ସିଲଟ୍ ଓ ଖଡ଼ି ଧରି ଉପସ୍ଥିତ ଥିଲେ। ସେମାନଙ୍କ ☞ପୃଷ୍ଠା-୨


ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଜଣେ ଛାତ୍ରଙ୍କ ଖଡ଼ିଛୁଆଁ କରୁଛନ୍ତି।

## ଯୁଦ୍ଧବିରତି ପାଇଁ ମାଓବାଦୀଙ୍କ ଆହ୍ୱାନ

**ମାଲକାନଗିରି,୨।୪**
**(ଦୁର୍ଯ୍ୟୋଧନ ପାତ୍ର)**

କେନ୍ଦ୍ରୀୟ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ବୁଧବାର ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ସଙ୍ଗଠନ ଶାନ୍ତିବାର୍ତ୍ତା ପାଇଁ ପ୍ରସ୍ତୁତ ସହ ଯୁଦ୍ଧବିରତି ଆହ୍ୱାନ ଦେଇଛି। ଗତ ୨୪ ତାରିଖରେ ହାଇଦ୍ରାବାଦରେ ଏକ ବୈଠକ ହୋଇଥିଲା, ଏଥିରେ ମାଓବାଦୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ରୀୟ ସଙ୍ଗଠନର ବଡ଼ ବଡ଼ କ୍ୟାଡରମାନେ ନିହତ ହୋଇଥିବାରୁ ତାହା ଦୁର୍ବଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନ ତରଫରୁ ଯୁଦ୍ଧ ବିରତି ଓ ଶାନ୍ତି ବାର୍ତ୍ତା ନିମନ୍ତେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଛତିଶଗଡ଼ରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଛତିଶଗଡ଼ ସରକାର ସବୁ ସମୟରେ କୋମ୍ବିଂ, ସର୍ଚ୍ଚ ଅପରେଶନ କରିବାରୁ ବହୁ ମାଓବାଦୀ ଗିରଫ ହୋଇଥିବା ବେଳେ ବହୁ ଲୋକ ନିହତ ମଧ୍ୟ ହୋଇଛନ୍ତି। କେବଳ ଏତିକି ନୁହେଁ, ପୋଲିସ-ମାଓବାଦୀଙ୍କ ଯୁଦ୍ଧରେ ନିରୀହ ଆଦିବାସୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସାତ ଶତାବ୍ଦୀର କଥା**




# ୱାକ୍‌ଫ ବିତର୍କ: ଲୋକ ସଭାରେ ଶାସକ- ବିରୋଧୀ ମୁହାଁମୁହିଁ

## ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ ଉଦ୍ୟମ କରିଛନ୍ତି ବିରୋଧୀ: କେନ୍ଦ୍ର

**ନୂଆଦିଲ୍ଲୀ,୨।୪**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଏପ୍ରିଲ ୪ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଏକ ବଡ଼ ସଫଳତା ହାସଲ ପାଇଁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସଂସଦରେ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ପକ୍ଷରୁ ଆଗତ ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଗୃହରେ ବୁଧବାର ରାତିରେ ଜୋର୍‌ଦାର ଆଲୋଚନା ଜାରି ରହିଛି। ନିମ୍ନ ସଦନରେ ପାରିତ ହେବା ପରେ ଏହା ରାଜ୍ୟ ସଭାକୁ ଯିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ମୋହର କ୍ରମେ ଆଇନରେ ପରିଣତ ହେବ। ଅନ୍ୟପକ୍ଷେ ଉକ୍ତ ବିବାଦୀୟ ବିଧେୟକ ଲୋକ ସଭାରେ ପାରିତ ହେଲେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇପିଏମ୍‌ଏଲ୍) ଅଦାଲତରେ ଏହାକୁ ଚ୍ୟାଲେଞ୍ଜ ସହ ଦେଶବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି 'କଳା ଆଇନ' ମୁସଲମାନ ସମ୍ପ୍ରଦାୟର ଅଧିକାରଗୁଡ଼ିକୁ ଛଡ଼ାଇନେବା ଆଶଙ୍କା ଥିବାରୁ ଲଢ଼େଇ ଜାରି ରହିବ ବୋଲି ବୋର୍ଡ କହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅପରାହ୍ନ ୧୨ଟାରେ ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫କୁ ଆଲୋଚନା ଓ ଗୃହର ଅନୁମୋଦନ ନିମନ୍ତେ ଆଗତ କରିଥିଲେ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ପକ୍ଷରୁ କରାଯାଇଥିବା ସୁପାରିସ ଆଧାରରେ ପ୍ରସ୍ତୁତ ଉକ୍ତ ବିଧେୟକରେ ୱାକ୍‌ଫ ସମ୍ପତ୍ତିଗୁଡ଼ିକର ପ୍ରଶାସନକୁ ତ୍ୱରାନ୍ୱିତ କରିବା ସହ ଟେକ୍ନୋଲୋଜି ଜରିଆରେ ଏହାର ପରିଚାଳନା ଏବଂ ସ୍ୱଚ୍ଛତା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି। ଲୋକ ସଭାରେ ବିଧେୟକ ଆଗତ କରାଯିବା ମାତ୍ରେ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ଲ' ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।

## ଖୋର୍ଦ୍ଧା

- ଶ୍ରୀରାମ ଚରିତ ନବାନ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା ।
- ପ୍ରବଚନ, ଜ୍ଞାନ ଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ୭ଟା ୩୦ ।
- ମା'ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗା ପୂଜା ଓ ଚୈତ୍ର ନବରାତ୍ରୀ ଅବସରରେ ମା'କାର୍ତ୍ତାୟିନୀ ବେଶରେ ଦର୍ଶନ, ସ୍ଥାନ: କୁଦିଆରୀସ୍ଥ ମା'ଙ୍କ ମନ୍ଦିର, ସମୟ: ରାତି ୮ଟା ।

## ଭଦ୍ରକ

- ବାଇକ୍ ଶୋଭାଯାତ୍ରା,ସ୍ଥାନ: ଶ୍ରୀରାମ ମନ୍ଦିର, ରାମନବମୀ ପଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର,ସମୟ: ଅପରାହ୍ନ ୪ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ,ସମୟ: ସନ୍ଧ୍ୟା ୬ଟା ।
- ନବଗ୍ରହ ମନ୍ଦିର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ଲକ୍ଷ୍ମୀପ୍ରସାଦ, ରାଜଘରପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ମା' ବାସନ୍ତୀ ପୂଜା ଉପଲକ୍ଷେ ବିଲ୍ୱବରଣ, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ରାତି ୮ଟା ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚିତ୍ରଡ଼ା କାକୁଡିହା ଗ୍ରାମ, ମୋରଡ଼ା, ସମୟ:ସକାଳ ୯ଟା ।
- ୧୩ ତମ ବାସନ୍ତୀ ପୂଜାର ବିଲ୍ୱବରଣ ଓ ଷଷ୍ଠୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡାରୋଡ୍ . ବାରିପଦା,ସମୟ: ସନ୍ଧ୍ୟା ୭ଟା ।
- ବାସନ୍ତୀ ପୂଜା ଉପଲକ୍ଷେ ମହା ସପ୍ତମୀ ପୂଜା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା ।
- ୭୨ତମ ବାସନ୍ତୀ ପୂଜାର ବିଲ୍ୱବରଣ, ସ୍ଥାନ:ଶୁନଗଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା ।

## ଜଗତ୍‌ସିଂହପୁର

- କର୍ପୋରେଟ ସଂସ୍ଥା, ପୋଲିସ ଓ ପାରାଦୀପ ବନ୍ଦର ମଧ୍ୟରେ ଚତୁର୍ଥ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା ।

## କେନ୍ଦ୍ରାପଡ଼ା

ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ:ସନ୍ଧ୍ୟା ୬ଟା ।

ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ:ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର

- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲାମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ଜୟ ମା' ସିଘାରଶୁଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ସିଘାରସାହି, ସମୟ: ସକାଳ ୬ଟା ।
- ଜିଲା ପ୍ରଶାସନ ପକ୍ଷରୁ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ୍, ସ୍ଥାନ : ଯାଜପୁର ଜିଲାର ସମସ୍ତ ଅଞ୍ଚଳ,ସମୟ : ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ସପ୍ତମ ଦିବସରେ ଷଷ୍ଠୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ:ସକାଳ ୮ଟା ।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୪ଟା ।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା ।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ,ଜଟାୟୁ ମୋକ୍ଷ , ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା ।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା ।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା ।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୪୫ ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ପୋଷାକ ପରିଧାନ ସହ ଫଟୋ ସେସନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା ।

## ନବରଙ୍ଗପୁର

- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଝରିଗାଁ ବ୍ଲକ କଲେଗାଁ, ସମୟ: ସକାଳ ୭ଟା ।
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଚା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ସମମୟ: ସନ୍ଧ୍ୟା ୫ଟା ।

## ମାଲକାନଗିରି

- ମାଲକାନଗିରି ବନାଞ୍ଚଳ ପକ୍ଷରୁ ପ୍ରକୃତି ପରିବେଶ କର୍ମଶାଳା, ସ୍ଥାନ:ସତୀଗୁଡା ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା ।
- ମା' ମଙ୍ଗଳା ମନ୍ଦିର କମିଟି ଆୟୋଜନରେ ଚଣ୍ଡିପାଠ ନବ ପତ୍ରିକା ଆନୟନ କାର୍ଯ୍ୟକ୍ରମ, ସ୍ଥାନ : ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ ସକାଳ ୮ଟା ।
- ବାସନ୍ତିକ ରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସମଲେଇ ମନ୍ଦିର, ସମୟ : ସକାଳ ୮ଟା ।
- ଡିଜିପିଙ୍କ ସମୀକ୍ଷା ବୈଠକ, ସ୍ଥାନ : ଆଇଜି କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଭୀମ ଆର୍ମିର ପକ୍ଷରୁ ଆମ୍ବେଦକର ଜୟନ୍ତୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ୟାଦିକ ଭବନ, ସମୟ : ସନ୍ଧ୍ୟା ୫ଟା ।

## ରାଉରକେଲା

- ଚୈତ୍ର ନବରାତ୍ର ପୂଜା, ଷଷ୍ଠୀ ପୂଜା, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା ।
- ଶ୍ରୀକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିନଗର, ଓରାମପଡା, ସମୟ: ସକାଳ ୮ଟା ।
- ଶାନ୍ତି ବନାମ ସମୃଦ୍ଧି ଶୀର୍ଷକ କର୍ମଶାଳା, ସ୍ଥାନ:ସେକ୍ଟର-୪, ରାଉରକେଲା କଲେଜ, ସମୟ:ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ,ସ୍ଥାନ: ରାଧାନାଥ ନଗର, ସେକ୍ଟର-୧୬ ଦୂର୍ଗାପୂଜା ପଡିଆ, ସମୟ: ସକାଳ ୧୦ଟା ।
- ଆରଏମ୍‌ସି ପ୍ରେକ୍ଷାଳୟରେ ଖବରଦାତା ସମ୍ମିଳନୀ,ସ୍ଥାନ: ଉଦିତନଗର, ଆରଏମ୍‌ସି କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ଆର୍‌ଏମ୍‌ସି କମିଶନର ଆହୁତ ଖବରଦାତା ସମ୍ମିଳନୀ, ସ୍ଥାନ:ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ଅପରାଧ ନିୟନ୍ତ୍ରଣ ପାଇଁ ଥାନାଧିକାରୀଙ୍କ ସହ ଆଲୋଚନା, ସ୍ଥାନ: ଝିରପାଣି ଥାନା, ସମୟ: ଅପରାହ୍ନ ୫ଟା ।
- ଚଇତି ଛଟ୍ ପୂଜା, ସନ୍ଧ୍ୟା ଆରତୀ, ସ୍ଥାନ: କୋଏଲନଦୀ, ସମୟ: ସନ୍ଧ୍ୟା ୬ଟା ।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା ।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା ।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା ।

## କଳାହାଣ୍ଡି

- ହସ୍ତତନ୍ତ ପାରମ୍ପରିକ ବସ୍ତ୍ର ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## ଦେବଗଡ଼

- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା ।
- ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର

- ବିନିକାରେ ବାସନ୍ତିକ ପୂଜା ଅବସରରେ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦ ।
- ତରବୋଡ ପ୍ରିମିୟର ଲିଗ ଫ୍ଲଡ୍‌ଲାଇଟ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଳଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୪୦ ।
- ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମାରାଗୁଡା ମହୋତ୍ସବ ଅବସରରେ ସସ୍ମିତା ଦାସଙ୍କ ଦ୍ୱାରା ଷ୍ଟାର ନାଇଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ରାତି ୯ଟା ୩୦ ।
- ଆମ ପୋଷାକ ଆମ ପରିଚୟ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ।

## ଝାରସୁଗୁଡ଼ା

- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା ।
- ଅଂଶୁଘାତ ଜନିତ ସଚେତନତା ସଭା, ସ୍ଥାନ: ଘିଚାମୁରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭ୍ରାତୃସମ୍ପର୍କ, ଯୋଜନାରମ୍ଭ, ବାଣିଜ୍ୟ ଏବଂ ବିବାଦରେ ବ୍ୟତିକ୍ରମର ଆଶଙ୍କା ରହିଛି । କେତେକ ଅସହିଷ୍ଣୁ ମନୋଭାବର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ଲାଗିପାରେ । କର୍ମକ୍ଷେତ୍ରରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେଇପାରନ୍ତି । ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି ।

**ବୃଷ** ଆଜି ଶାରିରୀକ, ମାନସିକ ଏବଂ ଆର୍ଥିକ ଦିଗରେ ବାଧା ବିଘ୍ନ ଉପୁଜିପାରେ । ସୁଯୋଗ ଛାଏଁ ଆସିଲେ ମଧ୍ୟ ଠିକ୍ ଉପଯୋଗ ଅଭାବରୁ ବିଗିଡିଯାଇପାରେ । ଅବଶ୍ୟ ସମାଧାନର ରାସ୍ତା ପାଇବେ, ସାହାଯ୍ୟ, ସହଯୋଗ ମଧ୍ୟ କିଛି କମ୍ ହେବନାହିଁ । କର୍ମାରମ୍ଭ, ଯାତ୍ରା, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ଅସୁବିଧା ନ ହୋଇପାରେ ।

**ମିଥୁନ** ଆପଣଙ୍କ ଯୁକ୍ତିଯୁକ୍ତ ଓ ନିରପେକ୍ଷ ବିଚାରଧାରା ବହୁଜନ ପ୍ରଶଂସିତ ହେବ । ଶିକ୍ଷା, ପରୀକ୍ଷା, ସନ୍ତାନ, ଅର୍ଥନୈତିକ ସ୍ଥିତିର ସମୀକ୍ଷା ମନ୍ଦ ହେବନି । ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ନ ରହିଲେ ଅଶାନ୍ତ ପରିସ୍ଥିତି ଘଟିପାରେ । କଳା, ସାହିତ୍ୟ ଓ ସଙ୍ଗୀତ, ଆଧ୍ୟାତ୍ମିକ ପ୍ରବଚନ, ଯୋଗ ପ୍ରଭୃତିରେ ସୁନାମ ଅର୍ଜନ କରିବେ ।

**କର୍କଟ** ଅନୁକୂଳ ଗ୍ରହ ସମ୍ପର୍କରୁ ଯାହା ଚାହୁଁଛନ୍ତି କରି ଚାଲନ୍ତୁ ସଫଳତାର ସମ୍ଭାବନା ପୂର୍ଣ୍ଣମାତ୍ରାରେ ରହିଛି । ପାରସ୍ପରିକ ଉତ୍ତମ ବୁଝାମଣାଜନିତ ସହକର୍ମୀମାନଙ୍କ ସହ ସୁସମ୍ପର୍କ ରହିବ । ତର୍କବିତର୍କ କାରଣରୁ ପଡ଼ୋଶୀଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ ।

**ସିଂହ** ସହଜରେ ମୁଣ୍ଡ ନୁଆଁଇବାର ଗୁଣର ଅଭାବ ଯୋଗୁ ପଦସ୍ଥବ୍ୟକ୍ତିଙ୍କ ରୋଷର କାରଣ ହେବେ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ସହ ପରାମର୍ଶ କଲେ ସାହାଯ୍ୟ ପାଇପାରିବେ । ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ । ଜମିଜମା, ଆଲୋଚନା, ସଭାସମିତିରେ ବ୍ୟସ୍ତତା ବୃଦ୍ଧି ପାଇବ ।

**କନ୍ୟା** କେତୁଙ୍କ କୁପ୍ରଭାବରେ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ ଗତି କରିପାରନ୍ତି । ଅର୍ଥର ଅଭାବକୁ ଭଲ ସମ୍ପର୍କ ରହିଥିବା ପଡ଼ୋଶିନୀ ଦୂର କରିପାରନ୍ତି । ଯାହା କରିବା କଥା ଶୀଘ୍ର ଶେଷ ନ କଲେ ପରକ୍ଷଣରେ ସମସ୍ତ ପରିସ୍ଥିତି ବଦଳିଯାଇପାରେ । ଆମଦାନୀ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ ।

**ତୁଳା** ଆଜି ଯାହା କରନ୍ତୁନା କାହିଁକି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ଆପଣଙ୍କ କଥା ରକ୍ଷା କରିବାର ପ୍ରତିଶ୍ରୁତି ନିଶ୍ଚିତ ଦେବେ । ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ସଫଳତା ହାସଲ କରିବେ । କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି ।

**ବିଛା** ଅର୍ଥର ସଦ୍‌ବିନିଯୋଗ କରି କର୍ମାରମ୍ଭ ପାଇଁ ଯୋଜନା କରିପାରନ୍ତି । ଅନୁକୂଳଗ୍ରହ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତି ହୋଇପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତ ହେବେ । ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆର୍ଥିକ ଉନ୍ନତି, ଆଧ୍ୟାତ୍ମିକତା, ତୀର୍ଥାଟନର ସୁଯୋଗ ପାଇପାରନ୍ତି ।

**ଧନୁ** ଟିକିଏ ଟିକିଏ କଥାରେ ରାଗିଯିବାର ବିଲକ୍ଷଣ ମାନସିକ ଅଶାନ୍ତିର କାରଣ ସାଜିପାରେ । ଯେତିକି ପାଉଛନ୍ତି, ସେତିକିରେ ସନ୍ତୁଷ୍ଟ ରହିବା ଭଲ । ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ସଫଳତା ପାଇବେ । ସଂଗଠନ, ରାଜନୀତି ଓ ଆଲୋଚନା ପରିସରରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ ।

**ମକର** ଅତୀତର କୌଣସି ଘଟଣାକୁ ନେଇ ଆନମନା ହେବାର ସୂଚନା ରହିଛି । ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ ସକଶେ ନିଜର ଭଳି ବ୍ୟବହାର କରିପାରନ୍ତି । ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ । ପ୍ରତ୍ୟେକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ ।

**କୁମ୍ଭ** ଅପ୍ରିୟସତ୍ୟ କଥା କହି କେତେକ କ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିପାରେ । ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ । ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ସମ୍ଭାବନା ରହିଛି । ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ ।

**ମୀନ** ଦୈହିକ ଅସୁସ୍ଥତା ସାଙ୍ଗକୁ ବାରମ୍ବାର ବିଫଳତାରୁ ମନରେ କ୍ଷୋଭ ଉତ୍ପନ୍ନ ହୋଇପାରେ । ଶିଳ୍ପ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ । ଅନ୍ୟଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ସାହିତ୍ୟ, କ୍ରୀଡ଼ା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ ।

ଆଜି ଏପ୍ରିଲ ୩ ତାରିଖ, ଚୈତ୍ର ଶୁକ୍ଳ ଷଷ୍ଠୀ ଗୁରୁବାର । ଶ୍ରୀମନ୍ଦିର ବେଢ଼ା ସ୍ଥିତ ଶ୍ରୀସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚା ଯାତ୍ରା, ରାଶିନକ୍ଷତ୍ର-ସକାଳ ଘ.୦୭.୦୨ ମି. ଗତେ ମୃଗଶିରା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫.୪୨ ଗତେ ଘ.୦୭.୨୦ମଧ୍ୟେ, ଘ.୧୦.୩୬ ଗତେ ଘ.୦୧.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୨.୫୩ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ୱାକ୍‌ଫ ବିତର୍କ ...

ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଥିଲା । ରିଜିଜୁ ନିଜ ଯୁକ୍ତିରେ ଦର୍ଶାଇଥିଲେ, ୱାକ୍‌ଫ ବିଲ୍‌କୁ ୟୁନିଫାଏଡ୍ ୱାକ୍‌ଫ ମ୍ୟାନେଜ୍‌ମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ ଡେଭେଲପ୍‌ମେଣ୍ଟ (ୟୁଏମ୍‌ଇଇଡି) ବିଲ୍ ରୂପେ ନାମକରଣ କରାଯାଇଛି । ଗତବର୍ଷ ଆଗତ କରାଯାଇଥିବା ମୂଳ ବିଲ୍‌ରେ ଜେପିସିର ସମୀକ୍ଷା ତଥା ଯାଞ୍ଚ ପରେ ପୁନଃ ପ୍ରସ୍ତୁତ କରାଯାଇ ଉପସ୍ଥାପନ କରାଯାଇଛି । ଏହି ବିଲ୍‌ରେ ଧର୍ମର କୌଣସି ସମ୍ପର୍କ ନାହିଁ । ବିଧେୟକ କେବଳ ସମ୍ପତ୍ତିର ପରିଚାଳନା ସମ୍ପର୍କିତ । ରିଜିଜୁ ଆହୁରି କହିଥିଲେ, ସରକାର କୌଣସି ଧର୍ମୀୟ ଅନୁଷ୍ଠାନରେ ହସ୍ତକ୍ଷେପ କରିବାକୁ ଯାଉନାହାନ୍ତି । ଉପା ସରକାର ୱାକ୍‌ଫ ଆଇନରେ ଆଣିଥିବା ସଂଶୋଧନ ଏହାକୁ ଅନ୍ୟ ଆଇନଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର ସକାଶେ ପ୍ରଭାବଶାଳୀ କରିଦେଇଥିଲା । ତେଣୁ ନୂଆ ସଂଶୋଧନର ଆବଶ୍ୟକତା ପଡ଼ିଥିବା ସେ କହିଥିଲେ । ବିରୋଧୀ ସଦସ୍ୟମାନେ ହୋହଲ୍ଲା କରୁଥିବାବେଳେ ରିଜିଜୁ କହିଥିଲେ, ଆପଣମାନେ ଏହି ପ୍ରସଙ୍ଗରେ ଲୋକଙ୍କୁ ବିଲ୍‌ରେ ଯେଉଁ ବିଷୟଗୁଡ଼ିକ ନାହିଁ, ସେକଥା କହି ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି । ଜେପିସିର ବିଚାରବିମର୍ଶ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ କୌଣସି ସଂସଦୀୟ ପ୍ୟାନେଲ ଦ୍ୱାରା କରାଯାଇଥିବା ସବୁଠୁ ବଡ଼ ପ୍ରକ୍ରିୟା । ୯୭.୨୭ ଲକ୍ଷ ପିଟିଶନ ଓ ସ୍ମାରକପତ୍ର ଜେପିସିର ହସ୍ତଗତ ହୋଇଥିଲା । ହାତକୁ ହାତ ଓ ଅନ୍‌ଲାଇନ୍ ମାଧ୍ୟମରେ ଗୃହୀତ ଏହି ଦସ୍ତାବିଜଗୁଡ଼ିକୁ ଗ୍ରହଣ କରିବା ପରେ ଜେପିସି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସେସବୁକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲା । ୨୮୪ ପ୍ରତିନିଧି ଦଳ ବିଲ୍ ଉପରେ ନିଜ ମତାମତ ଦାଖଲ କରିଥିଲେ । ଏତଦ୍‌ବ୍ୟତୀତ ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୱାକ୍‌ଫ ବୋର୍ଡ ମଧ୍ୟ ଏହା ଉପରେ ମତ ରଖିଥିଲେ । ଆଇନଜ୍ଞ, ଦାତବ୍ୟ ସଂସ୍ଥା, ଶିକ୍ଷାବିତ୍ ଓ ଆଧ୍ୟାତ୍ମିକ ଗୁରୁଙ୍କ ମତାମତ ମଧ୍ୟ ବିଚାରକୁ ନିଆଯାଇଥିଲା ।

ରେଳ ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ୱାକ୍‌ଫ ହେଉଛି ଦେଶରେ ସର୍ବାଧିକ ସମ୍ପତ୍ତିର ନିୟନ୍ତ୍ରଣକାରୀ । ଏହି ୨ ମନ୍ତ୍ରଣାଳୟର ସମ୍ପତ୍ତି ରାଷ୍ଟ୍ରର । କିନ୍ତୁ ୱାକ୍‌ଫ ସମ୍ପତ୍ତି ଘରୋଇ । ଏହାକୁ ରେଲୱେ ଓ ସଶସ୍ତ୍ର ବଳର ଲ୍ୟାଣ୍ଡ ବ୍ୟାଙ୍କ ସହ ତୁଳନା କରିବା ଅନୁପଯୁକ୍ତ । ଦୀର୍ଘ ୭୦ ବର୍ଷ ଧରି ଭୋଟବ୍ୟାଙ୍କ ରାଜନୀତି ପାଇଁ ସାଧାରଣ ମୁସଲମାନମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା । ଏଥିରୁ କୌଣସି ଗରିବ ଓ ବଞ୍ଚିତ ବର୍ଗର ମୁସଲମାନ ଲାଭବାନ୍ ହୋଇନାହାନ୍ତି । ଏହି ସମ୍ପତ୍ତିକୁ ସାଧାରଣ ମୁସଲମାନଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ । ୨୦୦୪ରେ ୱାକ୍‌ଫର ୪.୯ ଲକ୍ଷ ସମ୍ପତ୍ତି ଥିବାବେଳେ ଆୟର ପରିମାଣ ୧୬୩ କୋଟି ଟଙ୍କା ରହିଥିଲା । ୨୦୧୩ରେ ଆୟ ମାତ୍ର ୩ କୋଟି ବଢ଼ି ୧୬୬ କୋଟି ଟଙ୍କାରେ ପହଞ୍ଚିଥିଲା । ବାସ୍ତବରେ ଏହି ଆୟ ଅନ୍ୟୂନ ୧୨,୦୦୦ କୋଟି ଟଙ୍କା ହେବା ଉଚିତ ବୋଲି ରିଜିଜୁ କହିଥିଲେ । ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଭାଜପାର ବରିଷ୍ଠ ସଦସ୍ୟ ରବିଶଙ୍କର ପ୍ରସାଦ ମଧ୍ୟ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ । ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ କହିଥିଲେ, ୱାକ୍‌ଫ ବିଲ୍ ହେଉଛି ସମ୍ବିଧାନକୁ ଦୁର୍ବଳ କରିବା ପାଇଁ ଏକ ଉଦ୍ୟମ । ରିଜିଜୁ ନିଜ ଭାଷଣରେ ୨୦୧୩ ବେଳେ ଉପା ସରକାରଙ୍କ କାର୍ଯ୍ୟର ଅବତାରଣା କରିବା ସମୟରେ ଗୃହକୁ ବିଭ୍ରାନ୍ତ କରିଛନ୍ତି । ଅନ୍ୟପକ୍ଷେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ ୱାକ୍‌ଫକୁ ଏକ ବୈଧାନିକ ସଂସ୍ଥା ଭାବେ ଅଭିହିତ କରି ସାଧାରଣ ଲୋକଙ୍କ କଲ୍ୟାଣରେ ଏହାର ଅବଦାନ ଉପରେ ପ୍ରଶ୍ନ ଉଠାଇଥିଲେ । ୱାକ୍‌ଫ ସମ୍ପତ୍ତିରେ କେତୋଟି ସ୍କୁଲ ଓ ହସ୍ପିଟାଲ ନିର୍ମାଣ କରାଯାଇଛି ? ମୁସଲମାନ ସମ୍ପ୍ରଦାୟର ସେବାରେ ଏହାର ଭୂମିକାକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଥିଲେ । ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଲେଶ ଯାଦବ ଏହାକୁ ମୁସଲମାନଙ୍କ ଅଧିକାର ଛଡ଼ାଇବା ପାଇଁ ଉଦ୍ଦିଷ୍ଟ ବିଧେୟକ ରୂପେ ଅଭିହିତ କରିଥିବାବେଳେ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ବିରୋଧ କରିଥିଲେ । ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ ଏହାକୁ ମୁସଲମାନମାନଙ୍କ ହିତରେ ଅଣାଯାଇଥିବା ଦର୍ଶାଇ ସମର୍ଥନ ଘୋଷଣା କରିଛି । ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ରାଜ୍ୟଗୁଡ଼ିକୁ ୱାକ୍‌ଫ ବୋର୍ଡ ଗଠନ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛି । ବିଜୁ ଜନତା ଦଳ (ବିଜେଡି)ର ଲୋକ ସଭାରେ କେହି ସଦସ୍ୟ ନ ଥିବାବେଳେ ରାଜ୍ୟ ସଭାକୁ ବିଲ୍ ଗଲେ ଏହାକୁ ବିରୋଧ କରିବ ବୋଲି ଦଳ କହିଛି ।

## ୮୬୪.୪୫ କୋଟିର ....

ଖଣିଜ ପଦାର୍ଥ । ଖଣିଗୁଡ଼ିକର ନିୟମାବଳୀ ଏବଂ ଲଘୁ ଖଣିଜ ପଦାର୍ଥର ରାଜସ୍ୱ ମୂଲ୍ୟାଙ୍କନ ଏବଂ ସଂଗ୍ରହ ନିୟମ-୨୦୧୬ ଅନୁଯାୟୀ ପରିଚାଳିତ । ୩୧ ମାର୍ଚ୍ଚ ୨୦୨୨ ସୁଦ୍ଧା ଯାଞ୍ଚ ହୋଇଥିବା ୨୨ଟି ତହସିଲରେ ୫୨୦ ଖଣିଜ ପଦାର୍ଥ ଉତ୍ସ ମଧ୍ୟରୁ ୧୪୭ ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ ୩୭୩ ଉତ୍ସ କାର୍ଯ୍ୟକ୍ଷମ ହୋଇ ନ ଥିଲା । ନିଲାମଧାରୀ ଚୂଡ଼ାନ୍ତକରଣରେ ଅନିୟମିତତା ଯୋଗୁ ୬ କୋଟି ୨୧ ଲକ୍ଷ ଟଙ୍କା ପରିହାର୍ଯ୍ୟ କ୍ଷତି ହୋଇଛି ବୋଲି ସେ କହିଛନ୍ତି । ଖଣି ଯୋଜନା ଅନୁମୋଦନ ହେବା ପରେ ଏବଂ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଳେଶ୍ୱର, ଗୁରୁଣ୍ଡିଆ ଓ ଜଗତ୍‌ସିଂହପୁର ତହସିଲଦାରମାନେ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରି ନ ଥିଲେ । ଫଳରେ ଚାଲୁ ରହିଥିବା ଲିଜ୍ ଅବଧିର ପରିସମାପ୍ତି ପୂର୍ବରୁ ନିଲାମ ପ୍ରକ୍ରିୟା ସମାପ୍ତ ହୋଇପାରି ନ ଥିଲା । ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୦.୧୦ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଥିଲା । ସେହିପରି ଲିଜ୍‌ଧାରୀମାନଙ୍କଠାରୁ ବକେୟା ଖଣିଜ ଦେୟ ସୁଧ ସହ ୯୨.୨୮ ଲକ୍ଷ ଟଙ୍କା ଆଦାୟ ହୋଇ ନ ଥିବାବେଳେ ଲିଜ୍‌ଧାରୀମାନଙ୍କ ଲିଜ୍ ଡିଡ୍ କାର୍ଯ୍ୟକାରୀ ନ ଥିବା ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ଲିଜ୍‌ଧାରୀମାନଙ୍କୁ ବେଆଇନ ଖଣି ଉତ୍ତୋଳନ ପାଇଁ ୪.୩୮ କୋଟି ଟଙ୍କା ମୂଲ୍ୟ ଦେବାକୁ ପଡ଼ିବ । ଏହାବ୍ୟତୀତ ଅନୁମୋଦିତ ଖଣି ଯୋଜନାଠାରୁ ଅଧିକ ଖଣିଜ ପଦାର୍ଥ ଖନନ ଏବଂ ତହସିଲଦାରଙ୍କ ଦ୍ୱାରା 'ଓ୍ୱାଇ' ଫର୍ମର ଯାଞ୍ଚ ନ ହେବା ଯୋଗୁ ୮୦,୭୨୧.୪୦ ଘ.ମି. ପଥରର ବେଆଇନ ଉତ୍ତୋଳନ ହୋଇଛି, ଯାହାପାଇଁ ଲିଜ୍‌ଧାରୀମାନଙ୍କୁ ୩୩.୫୦ କୋଟି ଟଙ୍କା ଦେବାକୁ ପଡ଼ିବ । ରାଜସ୍ୱ ବିଭାଗର ଉଦାସୀନତା ପାଇଁ ଯାଜପୁର ଜିଲା ଡଙ୍କାରୀ କଳାପଥର ପାହାଡ଼ରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ବିଭାଗରେ ଠିକଣା ଭାବେ ଅନୁପାଳନ ହୋଇନାହିଁ । ଫଳସ୍ୱରୂପ ୫୮.୬୩ କୋଟି ଟଙ୍କାର ଖଣିଜ ରାଜସ୍ୱ ଆଦାୟ ହୋଇପାରିନାହିଁ ।

ଏଜି ଅତୁଲ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଜମିର ଅଣଜଙ୍ଗଲ ଉପଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କଠାରୁ ଅସୁଲ କରାଯାଇଥିବା ଅତିରିକ୍ତ ନେଟ୍ ପ୍ରୋଜେକ୍ଟ ମୂଲ୍ୟର ୫୦%ରେ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ କ୍ଷେତ୍ର ବିକାଶ କାର୍ଯ୍ୟ କରାଯିବ । ଏହାକୁ ନେଇ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ ଖଣିଜ ଧାରକ କ୍ଷେତ୍ର ବିକାଶ କାର୍ଯ୍ୟ ପାଇଁ ୨୦୧୪ ଡିସେମ୍ବର ୨ରେ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପ୍ରତିଷ୍ଠା କରାଯାଇଥିଲା । ମାତ୍ର ଉପରୋକ୍ତ କାର୍ଯ୍ୟ ପାଇଁ ଓଏମ୍‌ବିଏଡିସି ସିଇଓ ପ୍ରଥମ ପର୍ଯ୍ୟାୟରେ ୮୬୯.୪୨କୋଟି ଟଙ୍କା ଦେଇଥିଲେ ।

ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ, ଯେକୌଣସି ଲୌହ ବା ମାଙ୍ଗାନିଜ୍ ଧାତୁ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୧୯୯୪ କିମ୍ବା ୨୦୦୬ ଅନୁପାଳନ ନ କରି ଉତ୍ତୋଳନ ହୋଇଥିଲେ ତାହା ବେଆଇନ ଖନନ ଭାବେ ଧରାଯିବ । ଏହି କ୍ରମରେ ୨୦୦୦-୦୧ରୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଖଣିଜ ମୂଲ୍ୟର ଶତପ୍ରତିଶତ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି । ଏହାକୁ ଦୃଷ୍ଟିରେ ରଖି ଖଣି ଲିଜ୍‌ଧାରୀମାନଙ୍କଠାରୁ କ୍ଷତିପୂରଣ ବାବଦରେ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ହଜାର ୮୩୩.୫୪ କୋଟି ଟଙ୍କା ଆଦାୟ କରାଯାଇ ଓଏମ୍‌ବିଏଡିସି ପାଣ୍ଠିରେ ଜମା କରାଯାଇଥିଲା ବୋଲି ଅତୁଲ୍ୟ କହିଛନ୍ତି । ଖବରଦାତା ସମ୍ମିଳନୀରେ ଉପମହାଲେଖାକାର ଏସ୍. ଶୁଭମ ବୈଜନାଥ ଏବଂ ଏନ୍. ବାଲକ୍ରିଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ଆଧାର...

ଦୃଷ୍ଟିକୁ ଆସିଥିବା କହିଛନ୍ତି । ଏନେଇ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଆଧାର କାର୍ଡରେ ଥିବା ତ୍ରୁଟିକୁ ସ୍ୱତନ୍ତ୍ର ଭାବେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନେଇ ସମାଧାନ କରିବାକୁ ଆଲୋଚନା ହୋଇଥିବା ସେ କହିଛନ୍ତି ।

## ଯୁଦ୍ଧବିରତି ପାଇଁ ....

ଓ ସାଧାରଣ ଜନତାଙ୍କର ମଧ୍ୟ ମୃତ୍ୟୁ ଘଟୁଛି । ଗତ ୪ ମାସ ମଧ୍ୟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସଙ୍ଗଠନର ବଡ ବଡ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛି । ଗତ ୫ ଦିନ ତଳେ ମାଓବାଦୀ ନେତ୍ରୀ ତଥା ସମ୍ପାଦିକା ରେଣୁକା, ନେତା ବେଣୁ, ସୁଧାକର ଓ ଜଗଦୀଶ ଓରଫ ବୁଦୁରାଙ୍କ ଭଳି ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ପୋଲିସ ଗୁଳିରେ ଟଳି ପଡ଼ିଥିଲେ । ସେହିପରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସଙ୍ଗଠନର ଟପ୍ କ୍ୟାଡର ନେତା ଚଲପତି ମଧ୍ୟ ପୋଲିସ ଗୁଳିରେ ଟଳି ପଡ଼ିଛନ୍ତି । ଫଳରେ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଗତ ୩ ମାସ ମଧ୍ୟରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଏହି ସମୟସୀମା ମଧ୍ୟରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗିରଫ ହୋଇଛନ୍ତି । ସେହିପରି ୪୦୦ରୁ ଊର୍ଦ୍ଧ୍ୱ ଆତ୍ମସମର୍ପଣ କରିଛନ୍ତି । ଫଳରେ ଦିନକୁ ଦିନ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି । ତେବେ ଏହି ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ସଙ୍ଗଠନ ସରକାରଙ୍କ ସହ ଶାନ୍ତିବାର୍ତ୍ତା ନିମନ୍ତେ ଆହ୍ୱାନ ଦେଇଥିବା ବେଳେ ଯୁଦ୍ଧ ବିରତି ପାଇଁ ପ୍ରସ୍ତୁତ ଅଛି । ବିଶେଷ ସୂତ୍ରରୁ ଜଣାପଡିଛି, ସଙ୍ଗଠନ ତରଫରୁ କେତେକ ସର୍ତ୍ତ ରଖାଯାଇଛି । ଏଥିରେ ଅଧିକ ପୋଲିସ ମୁତୟନକୁ ହଟାଇବା, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଏହି କ୍ୟାମ୍ପଗୁଡ଼ିକୁ ଉଚ୍ଛେଦ କରିବା ଆଦି ସର୍ତ୍ତ ରଖାଯାଇଥିବା ଜଣାପଡ଼ିଛି । ତେବେ ମାଓବାଦୀଙ୍କ ପ୍ରସ୍ତାବରେ ସରକାର ରାଜି ଅଛନ୍ତି କି ନାହାନ୍ତି ସେ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ବ୍ୟତୀତ ଅନ୍ୟ କୌଣସି ଅଡିଓ କିମ୍ବା ଗଣମାଧ୍ୟମକୁ ସୂଚନା ଦିଆଯାଇନାହିଁ ।

## ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ...

ପାଖରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପିଲାମାନଙ୍କୁ ଦେଖି ତାଙ୍କ ଭିତରେ ଛପି ରହିଥିବା ଶିକ୍ଷକ ସ୍ୱରୂପ ପୁଣି ଥରେ ଫୁଟିଉଠିଥିଲା । ସେ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ିରେ ବୃତ୍ତ କାଟି ଖଡ଼ିଛୁଆଁ କରାଇଛନ୍ତି । ତା'ପରେ ପ୍ରଥମ ଅକ୍ଷର ଭାବେ 'ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଛନ୍ତି । ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ଶିକ୍ଷକତାର ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଖୁବ୍ ସହଜ ଭାବରେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କ'ଣ ଖାଇଛ ଏମିତି କିଛି ପ୍ରଶ୍ନ ପଚାରି ସେମାନଙ୍କ ସହିତ ଭାବଗତ ସମ୍ପର୍କ ଯୋଡ଼ିଥିଲେ । ପିଲାମାନେ ମଧ୍ୟ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ ଏବଂ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି । ସେହିପରି ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି । ଆଜି ପାଠପଢ଼ା ଆରମ୍ଭ ଦିନରେ ପିଲାମାନେ ବହୁତ ଖୁସି ଅଛନ୍ତି । ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବ । ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବେ । ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ବୁଧବାରଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି । ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁବାଟିକା ଖୋଲାଯିବ । ଏହିସବୁ ଶିଶୁବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ । ଶିଶୁବାଟିକାର ପିଲାମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




# ସାର, କୀଟନାଶକ ପାଇଁ ବଢ଼ୁଛି କର୍କଟ

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

- ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁରରେ ରୋଗୀଙ୍କ ସଂଖ୍ୟା ବଢ଼ୁଛି : ଆଇନ ମନ୍ତ୍ରୀ
- ଜୈବିକ ଚାଷକ୍ଷେତ୍ର ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ସମ୍ପ୍ରତି ଲୋକମାନେ ଅଧିକ ଫସଲ ଅମଳ ପାଇଁ ସାର ଓ କୀଟନାଶକ ବେଶିମାତ୍ରାରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା କର୍କଟ ରୋଗ ବ୍ୟାପୁଛି। ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲାରେ ଏହା ଅଧିକ ପରିଲକ୍ଷିତ ହେଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

ବୁଧବାର ପ୍ରଶ୍ନକାଳରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅର୍ଗାନିକ୍ ବା ଜୈବିକଚାଷ ପାଇଁ ସରକାରଙ୍କ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଉଛି ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଚାଷୀ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାର ଜମିରେ ବ୍ୟବହାର କରିବା ଯୋଗୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁରରେ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଆଉ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଜୈବିକ ଚାଷକ୍ଷେତ୍ର କିଭଳି ବୃଦ୍ଧି ହୋଇପାରିବ ସେଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ


ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ଉତ୍ତର ରଖୁଛନ୍ତି।

ବୋଲି ଆଇନ ମନ୍ତ୍ରୀ କହିଥିଲେ।

ଅତିରିକ୍ତ ପ୍ରଶ୍ନ ପଚାରି ଆଚାର୍ଯ୍ୟ କହିଥିଲେ, ବିଶେଷକରି ଜଳସେଚିତ ଅଞ୍ଚଳର ଚାଷୀ ଅଧିକ ସାର ବ୍ୟବହାର କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କୁ ଏଥିଲାଗି ପ୍ରୋତ୍ସାହିତ କରୁଛନ୍ତି। ଅଧିକ ସାର ବ୍ୟବହାର ହୋଇ ଚାଷ ହୋଇଥିବା ଖାଦ୍ୟଶସ୍ୟ ଖାଇବା ଫଳରେ କ୍ୟାନ୍ସର ବ୍ୟାପୁଛି।

ମନ୍ତ୍ରୀ କହିଥିଲେ ଯେ, ଏହା ନିଶ୍ଚିତଭାବେ ଚିନ୍ତାର କାରଣ। ଅଧିକ ସାର ଓ କୀଟନାଶକ ବ୍ୟବହାର ଲାଗି କ୍ୟାନ୍ସର ଭଳି ରୋଗ ହେଉଛି। ଏଥିପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ଜୈବିକ କମ୍ପୋଷ୍ଟ ବ୍ୟବହାର ଦ୍ୱାରା ଚାଷୀଙ୍କର ଉତ୍ପାଦନ ପ୍ରଭାବିତ ହେବନାହିଁ ବୋଲି ସୁନିଶ୍ଚିତ କରାଯାଉଛି। ବଳଭଦ୍ର କୃଷି ମିଶନ ଜରିଆରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ବାୟୋ କମ୍ପୋଷ୍ଟ ତିଆରି କରିବା ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ଭାଜପା ସଦସ୍ୟ ସନାତନ ବିଜୁଳି ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ପାଇଁ ସରକାର କ'ଣ ଯୋଜନା କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଶୀତଳଭଣ୍ଡାର ଅଭାବରୁ ବହୁ ଅଞ୍ଚଳରେ ଖରିଫ ଫସଲ ପରେ ଜମି ପଡ଼ିଆ ପଡୁଥିଲା। ଏହାର ସମାଧାନ ପାଇଁ ସରକାର ନୂଆ ଶୀତଳଭଣ୍ଡାର ନୀତି ଆଣିଛନ୍ତି।

ଏହି ଅବସରରେ ସନାତନ ପ୍ରଶ୍ନ କରିଥିଲେ ଯେ, ପଞ୍ଜାବ, ହରିୟାଣାରେ ପାଞ୍ଚଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି। ଡାଲିଜାତୀୟ ଫସଲରେ କମ୍ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ। ଏ ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷଜମିଗୁଡ଼ିକ ପଡ଼ିଆ ରହୁଛି। ପାଣି ବ୍ୟବସ୍ଥା ଥିବା ଜମିଗୁଡ଼ିକରେ ଡାଲିଜାତୀୟ ଫସଲ କରାଯାଉଛି। ଜଳ ସମ୍ପଦ ବିଭାଗ ସହ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ହରିୟାଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲିଜାତୀୟ ଚାଷରେ ଓଡ଼ିଶା ବଳକା ରାଜ୍ୟ ହେବାକୁ ଯାଉଛି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ଏହାଦ୍ୱାରା କେବଳ 'ସରକାର କା ମାଲ୍ ଦରିଆମେଁ ଡାଲ୍' ହେଉଛି। ପ୍ରତାପ ପୁଣି ପ୍ରଶ୍ନ କରିଥିଲେ ଯେ, ବାହାରୁ ଅଣାଯାଉଥିବା ମୁଗ ବିହନ ଗଛ ହେଉନାହିଁ। ସରକାର ଦେଇଥିବା ମୁଗ ବିହନକୁ ସେ ନିଜେ ଚାଷ କରିଥିଲେ। ଉକ୍ତ ବିହନ ଆମ ରାଜ୍ୟ ପାଣିପାଗ ସହ ଖାପ ଖୁଆଇବା ସମ୍ଭବ ହେଲାନାହିଁ। ସେଥିରେ ଏକାଧିକ ଜଳସେଚନର ଆବଶ୍ୟକତା ଅଛି। ଚାଷ ବିଫଳ ହେଲା। ସରକାରୀ ବିହନ କାମ କରୁନାହିଁ ବୋଲି ପ୍ରତାପ କହିଥିଲେ। ମନ୍ତ୍ରୀ କହିଥିଲେ ଯେ, ହାଇବ୍ରିଡ୍ ବିହନର ଅଧିକ ଯତ୍ନର ଆବଶ୍ୟକତା ରହିଛି।

# ଚିକିତ୍ସା ପରେ ସୁସ୍ଥ ହେଉଛି ଦନ୍ତା

ବନ୍ତଲା,୨।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ନାଳ ପାଖରେ ୧୦ ଦିନ ଧରି ଅସୁସ୍ଥ ଅବସ୍ଥାରେ ଥିବା ଏକ ଦନ୍ତାହାତୀ ଚିକିତ୍ସା ପରେ ସୁସ୍ଥ ହେଉଛି। ଗତ ୨୩ ତାରିଖରେ ସାତକୋଶିଆ ଅଭୟାରଣ୍ୟରୁ ଉକ୍ତ ଦନ୍ତାହାତୀ ବନ୍ତଲା ବନାଞ୍ଚଳ ବଲଙ୍ଗକୁ ଚାଲି ଆସିଥିଲା। ହାତୀଟି ଅସୁସ୍ଥ ଅବସ୍ଥାରେ ଥିବାରୁ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲା। ବନ ବିଭାଗ କର୍ମଚାରୀଙ୍କ ନଜରକୁ ଆସିବା ପରେ ୨୯ ତାରିଖରୁ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡା. ପି.କେ. ସିଂଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ, ଅନୁଗୋଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ୍ ସାମିଲ ହୋଇ ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସାହୁ କହିଛନ୍ତି, ହାତୀଟି ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରୁଛି। ପୂର୍ବରୁ ଖାଦ୍ୟ ଖାଉ ନ ଥିଲା ବେଳେ ଚିକିତ୍ସା ପରେ ବୁଧବାର ଦନ୍ତାହାତୀକୁ ଦିଆ ଯାଇଥିବା ତରଭୁଜ, କଦଳୀ, ସେଓ ଓ କଖାରୁ ଆଦି ଖାଇବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ହାତୀଟି ସୁସ୍ଥ ଅବସ୍ଥାକୁ ଫେରି ଆସିବ।

# ବଳରାମପ୍ରସାଦରେ ହିନ୍ଦୁ ନବବର୍ଷ ପାଳିତ

ବଅଁରପାଳ,୨।୪ (ସୁବାସ ସାହୁ)

ବଅଁରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ପ୍ରତ୍ୟେକ ଘରେ ସମ୍ମୁଖରେ ଆମ୍ବତୋରଣ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ପୂର୍ଣ୍ଣ କଳସ ରଖାଯାଇଥିଲା। ଏହି ଅବସରରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଜଗଦମ୍ବା ମା' ଅଗ୍ନି ସ୍ୱରୂପିଣୀ ହିଙ୍ଗୁଳାଙ୍କ ପୀଠରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ଓ ଆଖପାଖ


ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଉଛି।

ଅଞ୍ଚଳ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ଅନିଲ କୁମାର ବେହେରା, ଅଶୋକ କୁମାର ସାମଲ, ଗୋକୁଳ ଅମାନ୍ତ, ବେଣୁଧର ଦାସ, ଜଗନ୍ନାଥ ବେହେରା, ପ୍ରଶାନ୍ତ ମହାପାତ୍ର, ଚକ୍ରଧର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ହିଞ୍ଜାଗୁଳା ଗାଁ ପରିଦର୍ଶନ କଲେ ବିଧାୟକ


ହିଞ୍ଜାଗୁଳା ଗାଁ ପରିଦର୍ଶନ କରୁଛନ୍ତି ଆଠମଲ୍ଲିକ ବିଧାୟକ।

ବନ୍ତଲା,୨।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ଟାଇଁସି ପଞ୍ଚାୟତର ବଣ ଜଙ୍ଗଲ ଘେରା ହିଞ୍ଜାଗୁଳା ଗାଁକୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତ କରିଥିଲେ। ବିଧାୟକଙ୍କୁ ପାଖରେ ପାଇ ଗ୍ରାମବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରୀ ସୁବିଧାସୁଯୋଗ ପହଞ୍ଚିଛି କି ନାହିଁ ବିଧାୟକ ପଚାରି ବୁଝିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ଅନୁରୋଧକ୍ରମେ ହିଞ୍ଜାଗୁଳା ଗ୍ରାମ ରାସ୍ତା ନିର୍ମାଣ ପାଇଁ ବିଧାୟକ ତାଙ୍କ ହାତ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ଗ୍ରାମବାସୀ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଅନୁଦାନ ନିମନ୍ତେ ଖୁସି ଜାହିର କରିଥିଲେ। ଏହାଛଡ଼ା ଗାଁର ପାନୀୟଜଳ ବିଦ୍ୟୁତୀକରଣ, କୃଷି, ଜଳସେଚନ କାର୍ଯ୍ୟପାଇଁ ସହଯୋଗ କରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ହିଞ୍ଜାଗୁଳା ରାସ୍ତା ନିତିଦିନିଆ ଯିବା ଆସିବା ରାସ୍ତାରେ ପରିଣତ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୨।୪
(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ ପାଇଁ ଠିକାଦାରଙ୍କଠାରୁ ୧ଲକ୍ଷ ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସ। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ମୋଟ ୨ ଲକ୍ଷ ୨୬ ହଜାର ଟଙ୍କା ଜବତ କରାଯାଇଛି। ପରେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନ, ଅନୁଗୋଳ ତୁରାଙ୍ଗସ୍ଥିତ ଶୀତଳ ବିହାର ଓ ପାଲଲହଡାରେ ଥିବା ପୈତୃକ ଘର ଆଦି ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଓ ପଚରାଉଚରା ଜାରି ରହିଥିବାବେଳେ ବିପୁଳ ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୫/୨୦୨୫ ରୁଜୁ କରାଯାଇ ନରେଶଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଏହି ଡିଭିଜନ ଅଧୀନରେ ଠିକାଦାର ଅଜୟ ଦାସ ୩ଟି କାମ କରିଥିଲେ। ହେଲେ କାମ ବାବଦକୁ ୭ ଲକ୍ଷ ଟଙ୍କାର ବିଲ୍ ବକେୟା ରହିଥିଲା। ଏହି ବିଲ୍ ପାଇଁ ସହକାରୀ ଯନ୍ତ୍ରୀ ନରେଶ ଲକ୍ଷେ ଟଙ୍କା ଦାବି କରିଥିଲେ। ଏନେଇ ଠିକାଦାର ଅଜୟ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଦାବି ମୁତାବକ ଲାଞ୍ଚ ଟଙ୍କା ନେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଟଙ୍କା ସହ ଧରିବାରେ ସଫଳ ହୋଇଥିଲା।

# ବିଭିନ୍ନ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨।୪
(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ବିଜୁଳି, ଘଡ଼ଘଡ଼ି, ପବନ ସହ ହାଲୁକା ବର୍ଷା ଆରମ୍ଭ ହୋଇଛି। ବୁଧବାର ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, କୋରାପୁଟ ଏବଂ କନ୍ଧମାଳ ଜିଲାର କିଛି ଅଞ୍ଚଳରେ କାଳବୈଶାଖୀଜନିତ ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ କାଳବୈଶାଖୀ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦିଜିଲା ରହିଛି। ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ୨ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨।୪
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଜଗରଗୁଣ୍ଡାରୁ ଜିଲା ପୋଲିସ ଓ ୧୬୫ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ସର୍ଚ୍ଚ ଓ କୋମ୍ବିଂ ନିମନ୍ତେ ସିଙ୍ଗାବରମ୍ ଓ ଆଖପାଖ ଅଞ୍ଚଳକୁ ବାହାରିଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଡିୟମ ଲଖମା ଓ ତେଲାମ ହିଡାଙ୍କୁ ଗିରଫ କରିଥିଲେ। ଏମାନଙ୍କୁ ପଚରାଉଚୁରା କରିବାରୁ ଏମାନେ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରିଆସୁଛନ୍ତି। ଜଗରଗୁଣ୍ଡା ଥାନା ଅଞ୍ଚଳରେ ବହୁ ଘଟଣାରେ ସାମିଲ ଥିବା ସ୍ୱୀକାର କରିଥିଲେ। ଏମାନେ ରଖିଥିବା ୩ ବିଜିଏଲ୍ ସେଲ୍ ଓ ଗୋଟିଏ ବନ୍ଧୁକ ଜବତ କରାଯାଇଛି।







| ରୁଫ୍‌ଟପ୍ ସୋଲାର କ୍ଷମତା | କେନ୍ଦ୍ରୀୟ ସବସିଡି ସହାୟତା | ରାଜ୍ୟ ସବସିଡି ସହାୟତା (ଓଡ଼ିଶାର ବାସିନ୍ଦାଙ୍କ ପାଇଁ) | ସମୁଦାୟ ଆର୍ଥିକ ସହାୟତା |
|---|---|---|---|
| ୧ କିଲୋୱାଟ୍ | ₹୩୦,୦୦୦ | ₹୨୫,୦୦୦ | ₹୫୫,୦୦୦ |
| ୨ କିଲୋୱାଟ୍ | ₹୬୦,୦୦୦ | ₹୫୦,୦୦୦ | ₹୧,୧୦,୦୦୦ |
| ୩ କିଲୋୱାଟ୍ | ₹୭୮,୦୦୦ | ₹୬୦,୦୦୦ | ₹୧,୩୮,୦୦୦ |

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ



# ସାତ ଶତାବ୍ଦୀର କଥା




ଦେବଦତ୍ତ ପଟ୍ଟନାୟକ

ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ଆରବରେ ସୃଷ୍ଟି ହୋଇଥିଲା। ଏହା ପଶ୍ଚିମକୁ ଭୂମଧ୍ୟସାଗରୀୟ ଦେଶ ସମୂହ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ(ଏବକାର ଇରାନ୍)କୁ ବିସ୍ତାର ହୋଇଥିଲା। ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ପୁନର୍ବାର ବିସ୍ତାରିତ ହୋଇ ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳରେ ପହଞ୍ଚିଥିଲା। ଏହା କିଭଳି ଭାରତରେ ପହଞ୍ଚିଲା ? ରାଜନୈତିକ ବିଚାରରେ ଏହାର ଉତ୍ତର ହେଉଛି ହିଂସା ଓ ଲୁଣ୍ଠନ। କିନ୍ତୁ ବୁଦ୍ଧିଜୀବୀମାନେ ଉତ୍ତର ଦିଅନ୍ତି, ଏହା ଗୋଟିଏ ମାଧ୍ୟମରେ ଭାରତକୁ ଆସି ନ ଥିଲା, ବରଂ ସେତେବେଳର ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତକୁ ପ୍ରବେଶ କରିଥିଲା।

ଚେରାମାନ ଜୁମା ସମ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ ହେଉଛି ସପ୍ତମ ଶତାବ୍ଦୀର। ଆରବର ନାବିକ ଓ ବଣିକମାନେ ସ୍ଥାନୀୟ ହିନ୍ଦୁ ରାଜାଙ୍କ ସହାୟତାରେ ଏଗୁଡ଼ିକୁ ନିର୍ମାଣ କରିଥିଲେ। ବାସ୍ତବରେ ସେମାନେ ହେଉଛନ୍ତି ପ୍ରଥମ ଲୋକ ଯେଉଁମାନେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତିକୁ ଆଣିଥିଲେ। ସପ୍ତମ ଶତାବ୍ଦୀରେ ସିନ୍ଧ୍‌କୁ ଆରବୀୟ ଲୁଣ୍ଠନ କରିଥିବା କାହାଣୀ ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି। ମୁମ୍ବାଇ ନିକଟସ୍ଥ ଠାଣେ ଅଞ୍ଚଳକୁ ଦଖଲକରିବା ପାଇଁ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣ ପୂର୍ବ ଭାଗ)କୁ ଆକ୍ରମଣ କରିଥିଲେ। ତେବେ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ସେମାନଙ୍କୁ ଘଉଡ଼ାଇଦେବାରେ ସଫଳ ହୋଇଥିଲେ। ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ବିସ୍ତାର ଲାଭ କରିଥିବା ସ୍ପଷ୍ଟ ହେଉଥିଲେ ମଧ୍ୟ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ପହଞ୍ଚି ସିନ୍ଧ ଅଞ୍ଚଳରେ ପ୍ରବେଶ କରିଥିଲା। ଦଶମ ଶତାବ୍ଦୀ ପାଖାପାଖିରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରିଥିଲେ ଏବଂ ଧନ ପାଇଁ ସେମାନେ ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ସେଠାରେ ରହିବା ଆରମ୍ଭ କରିଥିଲେ ଏବଂ ଭାରତର ବିଶାଳ କୃଷି ସମ୍ପଦକୁ ଦଖଲକୁ ନେଇ ଚାଷ ଆରମ୍ଭ କରିଦେଇଥିଲେ। ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ, ସେମାନେ ଥିଲେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା)। ପଞ୍ଚଦଶ ଶତାବ୍ଦୀରୁ ମୋଗଲଙ୍କ ଦ୍ୱାରା ତୁର୍କ ଓ ଆଫଗାନମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇଥିଲା।

ଏହି ସୁଲତାନମାନେ ଭାରତରେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ଆରମ୍ଭ କରିଥିଲେ ଏବଂ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳାଇଦେଲେ।



ସେମାନଙ୍କ ସହ ଥିବା ଘୋଡ଼ାଗୁଡ଼ିକ ସେନାକୁ ଶକ୍ତିଶାଳୀ କରିଥିଲା। ସେଥିପାଇଁ ରାଜସ୍ଥାନରେ ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା( ପୀର କିମ୍ବା ପୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ପୂଜା କରିଥାନ୍ତି। ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରାଭୁଟାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବାର ଚିତ୍ର ଦେଖିବାକୁ ମିଳେ। ଏହା ବିଶେଷକରି ସମନ୍ୱୟ ବା ସଦ୍‌ଭାବନାକୁ ପ୍ରକାଶକରେ। ଶ୍ରୀରଙ୍ଗମ ଭଳି ଦକ୍ଷିଣ ଭାରତର ବିଷ୍ଣୁ ମନ୍ଦିର ସବୁ ମୁସଲମାନ ରାଜକୁମାରୀ ତଥା ଭକ୍ତର କାହାଣୀକୁ ସୂଚିତକରେ ଯିଏ କି ଦେବତାଙ୍କ ସ୍ତ୍ରୀ ହୋଇଥିଲେ। ଏହା ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ସୂଚିତ କରୁଛି।

ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନେ ଭାରତରେ ପ୍ରବେଶ କରିଥିଲେ। ସେମାନେ ଥିଲେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ। ମଙ୍ଗୋଲୀୟମାନେ ପୁରୁଣା ଆରବ ସାମ୍ରାଜ୍ୟକୁ ଆକ୍ରମଣକରି ନଷ୍ଟ କରିଦେବା ପରେ ସୁଫିମାନେ ଲୋକପ୍ରିୟ ହୋଇଥିଲେ। ଏହି ଅଧ୍ୟାତ୍ମବାଦୀ ବ୍ୟକ୍ତିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳକୁ ଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ ଏବଂ ଅନ୍ୟସବୁ ଥିଲେ ଧର୍ମ ପ୍ରଚାରକ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ପ୍ରଦାନ କରୁଥିଲେ। ଏଣୁ ସେମାନେ ଯେଉଁଠି ରହୁଥିଲେ ସେଠାରେ ଲୋକେ ସେମାନଙ୍କୁ ଭଲ ପାଉଥିଲେ। ସେମାନଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଗଲା। ସେମାନଙ୍କ ଆତ୍ମା ନିକଟରୁ ଦିବ୍ୟ ଆଶୀର୍ବାଦ ପାଇବା ଲାଗି ସେଠାକୁ ଆଖପାଖ ଅଞ୍ଚଳର ଲୋକେ ଆସୁଥିଲେ। ଏହି ମୁସଲମାନ ପୀରମାନେ ହିନ୍ଦୁ ବୀରଙ୍କ ସହ ମିଶି ଲୋକକଥାର ଦୃଶ୍ୟପଟରେ ଏକ ଅଂଶ ପାଲଟିଯାଇଥିଲେ।

କୃଷିଭିତ୍ତିକ ନୂତନତ୍ୱ ଜ୍ୟାନ ମାଧ୍ୟମରେ ମଧ୍ୟ ଇସ୍‌ଲାମ ଧର୍ମ ବିସ୍ତାର ଲାଭକରିଛି, କିନ୍ତୁ ତାହାକୁ ବହୁ ସମୟରେ ଅଣଦେଖା କରାଯାଇଆସିଛି। ଭାରତକୁ ଆସିଥିବା ସୁଫିମାନେ ଦଶମ ଶତାବ୍ଦୀରୁ କୃଷିର ନୂଆ ଟେକ୍ନୋଲୋଜି ଆରମ୍ଭ କରିଥିଲେ। ସେମାନେ ଜଳଚକ, ଭୂତଳ କେନାଲ ନିର୍ମାଣ କରିଥିଲେ , ଯାହା ସ୍ପେନ୍ ଓ ପର୍ସିଆରେ ବିକଶିତ ହୋଇଥିଲା। ଏହା ଯୋଗୁ ଶୁଖିଲା ଅଞ୍ଚଳରେ କୃଷିକାର୍ଯ୍ୟ ସମ୍ଭବ ହେଲା। ଏହିସବୁ ଟେକ୍ନୋଲୋଜି ସିନ୍ଧ୍ ଓ ପଞ୍ଜାବକୁ ଆସିଥିଲା ଏହି ଅଞ୍ଚଳଗୁଡ଼ିକୁ କୃଷି ସମୃଦ୍ଧ କରିଥିଲା। ଫଳରେ ସେଠାରେ ଥିବା ଭୂମିହୀନ ଜାଠମାନେ ଜମି ମାଲିକ ହେବା ସହ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇଥିଲେ। ଏହିସବୁ ଅଞ୍ଚଳରେ ସର୍ବାଧିକ ମୁସଲମାନ ରହୁଥିଲେ ଏବଂ ଧୀରେ ଧୀରେ ପାକିସ୍ତାନ ଚାଲିଯାଇଥିଲେ। ଭାରତର ପୂର୍ବାଞ୍ଚଳରେ ମୋଗଲ ଶାସନ ସମୟରେ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ଗଙ୍ଗାନଦୀ କୂଳରେ କୃଷିକୁ ଉତ୍ସାହିତ କରାଯାଇଥିଲା। ପୂର୍ବରୁ ମୁଖ୍ୟସ୍ରୋତର ବାହାରେ ରହୁଥିବା ସୀମାନ୍ତ ଅଞ୍ଚଳର ଲୋକମାନେ ଏହି ସୁଯୋଗରୁ ଲାଭ ଉଠାଇଲେ। ସୁଫି ବିଦ୍ୱାନଙ୍କ ସହଯୋଗରେ ସେମାନେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି। ଏଠାରେ ପଞ୍ଚପୀରଙ୍କ ପୂଜା ହେଉଥିବା ଦେଖିବାକୁ ମିଳେ, ଯାହାଙ୍କୁ ପଞ୍ଚପାଣ୍ଡବ ଭାବେ ଚିହ୍ନଟ କରାଯାଇଥାଏ। କୃଷି ସହ ଜଡ଼ିତ ବନ୍ ବିବିଙ୍କ ଭଳି ସ୍ଥାନୀୟ ଦେବୀ ସୁନ୍ଦରବନରେ ଅଛନ୍ତି। ବେଙ୍ଗଲର କୁଟୀରଗୁଡ଼ିକରେ କରାଯାଉଥିବା ଟେରାକୋଟା ଏହି ଅଞ୍ଚଳର ମସ୍‌ଜିଦଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ବିଶେଷକରି ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟରେ ନିଯୁକ୍ତି ସୁଯୋଗକୁ ଲକ୍ଷ୍ୟକରି ଆସିଥିଲେ। ଅନେକେ ସପରିବାର ଆସିଥିଲେ ଏବଂ ଆଉ କେତେକେ ସ୍ଥାନୀୟ ମହିଳାଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ନୌକର (ସବୈତନିକ ସୈନ୍ୟ) ଏବଂ ଚାକର (ସବୈତନିକ ଆକାଉଣ୍ଟାଣ୍ଟ) ଥିଲେ। ଇସ୍‌ଲାମ ଧର୍ମ ମଧ୍ୟ ସେମାନଙ୍କ ସହ ଆସିଥିଲା। ସେମାନେ ଦରବାରରେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଓ ପର୍ସିଆନ ଭାଷା କହୁଥିଲେ ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ। ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ସମ୍ଭ୍ରାନ୍ତ ମୁସଲମାନଙ୍କୁ ବିରୋଧ କରିଥିଲେ। ସମ୍ଭ୍ରାନ୍ତୀୟ ମୁସଲମାନମାନେ ନୀଚଜାତିର ଲୋକଙ୍କ ଧର୍ମାନ୍ତରୀକରଣକୁ ଗୁରୁତ୍ୱ ଦେଉ ନ ଥିଲେ। ଏହିପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶର ଜଟିଳ କାହାଣୀ ହେଉଛି ଏକ ସାତ ଶତାବ୍ଦୀର କଥା , ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ, ପ୍ରଚାରକ, କୃଷିବିତ୍ ଏବଂ ପ୍ରବାସୀ ଜଡ଼ିତ ରହିଛନ୍ତି।

-devduttofficial@gmail.com

## ଏଇ ଭାରତରେ

ଶେଷାଦ୍ରି ଶିବକୁମାର ପେସାରେ ଜଣେ ସିଭିଲ ଇଞ୍ଜିନିୟର। କିନ୍ତୁ କଶ୍ମୀର ସାଫ୍ରୋନ ଚାଷକରି ସେ ସଫଳ ହୋଇପାରିଛନ୍ତି, ତାହା ପୁଣି କେରଳରେ। ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ସେ କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ସେ ଏହି ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ଏହା ଥିଲା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ସବୁଠୁ ବଡ଼କଥା ହେଉଛି ଶେଷାଦ୍ରି ଏହି ଚାଷ ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଏଣ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ଗୋଟିଏ ବର୍ଷରେ ସେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ସାଫ୍ରୋନ ଚାଷକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କରିବା ପାଇଁ ସେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩ ଏପ୍ରିଲ ୧୯୭୬

- ରାଜସ୍ୱ ମନ୍ତ୍ରୀ ବଲ୍ଲଭ ପାଣିଗ୍ରାହୀ ବିଧାନସଭାରେ ଆଗତ କରିଥିବା ଓଡ଼ିଶା ଚକବନ୍ଦୀ ସଂଶୋଧନ ଆଇନ ଗୃହୀତ ହୋଇଯାଇଛି।
- ଭାରତ ସୋଭିଏତ୍ ରୁଷକୁ ୩୦ କୋଟି ଟଙ୍କାର କାଜୁବାଦାମ ଯୋଗାଇଦେବା ପାଇଁ ଉଭୟ ଦେଶର ଦୁଇଟି ବାଣିଜ୍ୟ ଅନୁଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଆଙ୍ଗୋଲାକୁ ଯୁଦ୍ଧଜନିତ କ୍ଷତିପୂରଣ ଦେବା ଲାଗି ଦକ୍ଷିଣ ଆଫ୍ରିକାକୁ ଜାତିସଂଘ ନିରାପତ୍ତା ପରିଷଦର ନିର୍ଦ୍ଦେଶ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 3 | | | | | 6 |
| | | | 7 | 5 | | 9 | | |
| | 1 | | | | | 2 | | 8 |
| | | | 5 | 7 | | | | |
| | 4 | | 9 | | | | | 2 |
| 7 | | 1 | | | 6 | | | |
| 4 | 2 | | | | | 6 | | |
| | | | 4 | | | | | 3 |
| | | 9 | | | | 8 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 1 | 9 | 7 | 8 | 3 | 2 |
| 3 | 9 | 2 | 8 | 5 | 6 | 4 | 7 | 1 |
| 1 | 7 | 8 | 4 | 3 | 2 | 9 | 6 | 5 |
| 9 | 3 | 5 | 7 | 6 | 8 | 2 | 1 | 4 |
| 7 | 2 | 4 | 9 | 1 | 5 | 6 | 8 | 3 |
| 6 | 8 | 1 | 3 | 2 | 4 | 7 | 5 | 9 |
| 4 | 1 | 7 | 2 | 8 | 3 | 5 | 9 | 6 |
| 2 | 5 | 3 | 6 | 7 | 9 | 1 | 4 | 8 |
| 8 | 6 | 9 | 5 | 4 | 1 | 3 | 2 | 7 |

ଗତକାଲିର ଉତ୍ତର

# ଆଶଙ୍କାରେ ପେନ୍‌ସନଭୋଗୀ



ବୃହସ୍ପତି ସାମଲ

ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ ତଥା ଭାରତ ସରକାରଙ୍କ ସଞ୍ଚିତ ପାଣ୍ଠିରୁ ପେନ୍‌ସନ ଦେୟ ବୈଧିକରଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାରତର ସମସ୍ତ ପେନ୍‌ସନଭୋଗୀ ଭୟଭୀତ ହେବା ସହ ପେନ୍‌ସନର ଭବିଷ୍ୟତ ସ୍ୱରୂପକୁ ନେଇ ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବୈଧିକରଣର ଏହି ସିଦ୍ଧାନ୍ତ ଅନୁଯାୟୀ ପେନ୍‌ସନ ନିୟମ ପ୍ରତି କୌଣସି ପୂର୍ବାଗ୍ରହ ବିନା କେନ୍ଦ୍ର ସରକାର ପେନ୍‌ସନଭୋଗୀଙ୍କ ଅବସର ଗ୍ରହଣ ତାରିଖକୁ ନେଇ ସେମାନଙ୍କ ଭିତରେ ଏକ ପ୍ରଭେଦ ସୃଷ୍ଟି କରିପାରିବେ, ଯାହା କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଲାଗୁ ସମୟରୁ ଆରମ୍ଭ ହେବ। ଏହି ବୈଧିକରଣ ୧ ଜୁନ ୧୯୭୨ରୁ ଲାଗୁ ହେବ, ଯାହାଦ୍ୱାରା ସମ୍ବିଧାନର ଅନୁଚ୍ଛେଦ ୩୦୯ ଆଧାରରେ ସମୟାନୁସାରେ ହୋଇଥିବା କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ, ୧୯୭୨ ଓ ୨୦୨୧ ଏବଂ କେନ୍ଦ୍ରୀୟ ବେସାମରିକ ସେବା (ଅସାଧାରଣ ପେନ୍‌ସନ) ନିୟମ ୨୦୨୩ ଅନ୍ତର୍ଗତ ସମସ୍ତ ସଂଶୋଧିତ ନିୟମଗୁଡ଼ିକୁ ମାନ୍ୟତା ପ୍ରଦାନ କରିବ।




ଏବେ ପେନ୍‌ସନଭୋଗୀଙ୍କ ମଧ୍ୟରେ ଆଶଙ୍କା ଉପୁଜିବାର କାରଣ ହେଲା ଯେ ପ୍ରସ୍ତାବିତ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଆସନ୍ତା ୧ ଜାନୁଆରୀ ୨୦୨୬ରୁ ଲାଗୁହେବାକୁ ଯାଉଥିବା ସମୟରେ ଯଦି ଅବସର ତାରିଖକୁନେଇ ଉପରୋକ୍ତ ବିଜ୍ଞପ୍ତିଅନୁଯାୟୀ ପେନ୍‌ସନଭୋଗୀଙ୍କୁ ଭାଗ ଭାଗ କରାଯାଏ, ତେବେ ଅନୁମୋଦନ ଲାଗୁ ହେବା ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନ୍‌ସନ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ମୁତାବକ ବୃଦ୍ଧି ନ ହୋଇ କେବଳ ଅନୁମୋଦନ ଲାଗୁ ହେବା ପରେ ଯେଉଁମାନେ ଅବସରନେବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବର ସାତଟିଯାକ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ସମୟରେ ଏଭଳି ଆଶଙ୍କା ବା ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ପୁରୁଣା ପେନ୍‌ସନ ଯୋଜନା (ଓପିଏସ୍), ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍) ଏବଂ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍)କୁ ନେଇ ପେନ୍‌ସନଭୋଗୀମାନେ ପୂର୍ବରୁ ବିଭାଜିତ ହୋଇସାରିଥିଲା ବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୁନଃ ବିଭାଜିତ ହେବା ସହ ପେନ୍‌ସନ ହ୍ରାସ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି।

ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ବିଜ୍ଞପ୍ତି ପ୍ରକାଶନର ତୁରନ୍ତ ବାଦ ସମଗ୍ର ଦେଶର ବିଭିନ୍ନ ପେନ୍‌ସନଭୋଗୀ ସଂଘ ତଥା ସେମାନଙ୍କର ଜାତୀୟ ସମନ୍ୱୟ ସମିତି ସରକାରଙ୍କ ପାଖରେ ପ୍ରତିବାଦ ଜଣାଇବା ସହ ରାଜ୍ୟ ସଭାର ସଦସ୍ୟମାନେ ଏ ବିଷୟରେ ସରକାରଙ୍କୁ ପଚାରିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉତ୍ତର ଦେଇଛନ୍ତି, ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଯୋଗୁ ୨୦୨୬ରୁ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନ ଉପରେ ଏହି ବିଲ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ଏଠି କହି ରଖିବା ଉଚିତ ହେବ ଯେ ଅଷ୍ଟମ ବେତନ ଆୟୋଗ ଗଠନକୁ ବାରମ୍ବାର ଟାଳି ଦେଉଥିବା କେନ୍ଦ୍ର ସରକାର ୧୬ ଜାନୁଆରୀ ୨୦୨୫ରେ ବେତନ ଆୟୋଗ ଗଠନକୁ ନେଇ ବିନା କ୍ୟାବିନେଟ ଅନୁମୋଦନରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ କିମ୍ବା ଅର୍ଥ ମନ୍ତ୍ରଣାଳୟ ତରଫରୁ କୌଣସି ଆନୁଷ୍ଠାନିକ ପ୍ରେସ୍ ଇସ୍ତାହାର ଏପର୍ଯ୍ୟନ୍ତ ଜାରି କରାଯାଇନାହିଁ। ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ଅଷ୍ଟମ ବେତନ ଆୟୋଗ ଗଠନ ସମ୍ପର୍କିତ ରାଜପତ୍ର ବିଜ୍ଞପ୍ତି ପ୍ରକାଶନକୁ ଅପେକ୍ଷା।

ଏଭଳିଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ପ୍ରଶ୍ନ ଉଠେ ଯଦି ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ଦିନଠାରୁ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ କୌଣସି ପାତରଅନ୍ତର ସୃଷ୍ଟିହେବାର ନାହିଁ, ତେବେ ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ଏଭଳି ବୈଧିକରଣର କି ଆବଶ୍ୟକତା ଥିଲା ? ପେନ୍‌ସନ ନୀତିକୁ ନେଇ ସରକାରଙ୍କର ଆଉ କିଛି ଗୁପ୍ତ କାର୍ଯ୍ୟସୂଚୀ ନାହିଁ ତ ? କାରଣ ରାଜକୋଷ ଉପରେ ଆର୍ଥିକ ବୋଝର ଦ୍ୱାହି ଦେଇ ସରକାର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ଉପରେ ଯଥେଷ୍ଟ ଦାଉ ସାଧୁଛନ୍ତି। ଏହାର ଉଦାହରଣ ହେଉଛି ଓପିଏସ୍‌ରୁ ଏନ୍‌ପିଏସ୍ (୨୦୦୪) ଏବଂ ପରେ ୟୁପିଏସ୍ (୨୦୨୫)। ଆନୁଷ୍ଠାନିକ ଭାବେ ୟୁପିଏସ୍ ଲାଗୁ ହେବା ପୂର୍ବରୁ ଏବଂ ଏନ୍‌ପିଏସ୍ ଉପଭୋକ୍ତାଗଣ ଏନ୍‌ପିଏସ୍‌ରେ ରହିବେ କି ୟୁପିଏସ୍‌କୁ ଯିବା ପାଇଁ ମତବ୍ୟକ୍ତ କରିବାକୁ ଦ୍ୱନ୍ଦ୍ୱରେ ଥିବାବେଳେ, ବେତନ ଆୟୋଗଙ୍କ ସୁପାରିସ ଓ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟିର ଉଦ୍ୟମ କର୍ମଚାରୀଙ୍କ ଆଶଙ୍କାକୁ ଦୃଢ଼ୀଭୂତ କରୁଛି।

ସରକାରଙ୍କ ସ୍ପଷ୍ଟୀକରଣ ଓ ବିଜ୍ଞପ୍ତିକୁ ଅପେକ୍ଷା କରିବା ବ୍ୟତୀତ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ଅନ୍ୟ କୌଣସି ଉପାୟ ନାହିଁ କିମ୍ବା ସେମାନଙ୍କ ସହ ପୂର୍ବରୁ ବାରମ୍ବାର ଯେଭଳି ଘଟଣାମାନ ଘଟିଛି, ସରକାର ଯେ ନିଜର ପ୍ରତିଶ୍ରୁତି ଠିକ ଠାକ ପାଳନ କରିବେ ସେ ବିଶ୍ୱାସ ବି ନାହିଁ। ଲିଖିତ ପ୍ରତିଶ୍ରୁତି ବି ଅଚାନକ ବଦଳିଯାଉଛି। ସେହିଭଳି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଆୟୋଗ ସୁପାରିସ କରିଥିବା ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ହେବ ବୋଲି କର୍ମଚାରୀମାନେ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଦେଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୬ ଜୁଲାଇ ୨୦୧୬ରେ ପ୍ରେସ୍ ଇସ୍ତାହାର ଜାରି କରି ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ଚାରି ମାସ ଭିତରେ ନିଷ୍ପତ୍ତି ନେବା ପାଇଁ ଘୋଷଣା କଲେ। ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ଯେ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ। ଇତିମଧ୍ୟରେ, ୪ ମାସ ଯାଇ କାଲି ଭଳି ନଅ ବର୍ଷ ପୂରିଯିବ ଏବଂ ଅଷ୍ଟମ ବେତନ ଆୟୋଗର ଗଠନ ପାଇଁ ଘୋଷଣା ସରିଗଲା ପଛେ, ଉଚ୍ଚସ୍ତରୀୟ କମିଟି ଗଠନ ତ ଦୂରର କଥା, ଏଯାଏ ସରକାର କର୍ମଚାରୀଙ୍କର କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏକ ନିର୍ବାଚିତ ସରକାର ନିଜେ ନିଜର ଲିଖିତ ପ୍ରତିଶ୍ରୁତିକୁ ଅବମାନନା କରିବା ଗଣତନ୍ତ୍ର ପ୍ରତି ଏକ କଠୋର ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବିତ୍ତ ବିଧେୟକ ୨୦୨୫କୁ ନେଇ ଏବେ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା କଥା କହୁଛନ୍ତି, ସେସବୁ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ସ୍ୱାର୍ଥକୁ କେତେ ସୁରକ୍ଷିତ ରଖିବ, ସମୟ କହିବ।

ମୋ: ୯୪୩୭୦୨୨୬୬୯

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡା. ସମ୍ରାଟ କର

ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହା ବଡ଼ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପାଟର୍ନ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟପିଲା ନୁହନ୍ତି ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର ଆଙ୍କି ଥାଆନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନ୍‌ଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେଜଣ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ୍ ସହଜରେ ଗ୍ରହଣ କରିପାରି ନ ଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ୍ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ସେମାନେ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ୍ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ, ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ, ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳୀ ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକେ ଏହା ବିନା ବଞ୍ଚି ନ ପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ୍ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୂଳିର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗ ତୂଳି ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗିନ ମାନସିକତାର ଜୀବନ ଅଭିବୃଦ୍ଧି। ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ,**
**ମୋ:୯୧୩୨୪୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ବିଭାଜନ ନୀତି ଗ୍ରହଣୀୟ ନୁହେଁ

ମହାଶୟ,

ଏକତା ହିଁ ବଳ। ଏକଥା ସର୍ବଜନବିଦିତ। ଆମେ ସମସ୍ତେ ଭାରତର ସନ୍ତାନ। ଏହାର ଗୌରବ ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ହେଲେ ଅନେକ ଭାରତ ବିପକ୍ଷବାଦୀ ଓ ବାହାର ରାଷ୍ଟ୍ରର କେତେକ ନେତା ଈର୍ଷାନ୍ୱିତ ହୋଇ ଏହାକୁ ବିଭାଜିତ କରିବା ପାଇଁ ନାନାଦି ଦୂରଭିସନ୍ଧିମୂଳକ ଅନ୍ତର୍ଘାତୀ କାର୍ଯ୍ୟମାନ ଚଳାଇଥାନ୍ତି। ସେହିଭଳି ଭାରତଠାରୁ ଅଲଗା ହେବା ପରେ ପାକିସ୍ତାନରେ କେତେକ ଅସନ୍ତୁଷ୍ଟ ଗୋଷ୍ଠୀ ବେଲୁଚିସ୍ଥାନ ସୃଷ୍ଟି ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି, ଯାହାଫଳରେ ସେଠାରେ ଖରାପ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଆମ ଓଡ଼ିଶାକୁ ଉତ୍କଳ, କଳିଙ୍ଗ ଓ କୋଶଳ ରାଜ୍ୟ କରି ବିଭାଜିତ କରିବା ଆଦୌ ଶୋଭନୀୟ ନୁହେଁ। ଓଡ଼ିଶା ଆମର ଛୋଟ ରାଜ୍ୟ ହେଲେ ତା'ର ମହିମା ଓ ଗରିମାର ପଟାନ୍ତର ନାହିଁ। ଅବଶ୍ୟ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟ ଗ୍ରହଣ କରାଯାଉଛି। ତଥାପି ଅନେକ ଜିଲାରେ ବିକାଶ ଅପହଞ୍ଚ ଅଛି। ଏହି ପରିପ୍ରେକ୍ଷୀରେ ରାଜନେତା ଓ ବିଜ୍ଞ ବୁଦ୍ଧିଜୀବୀମାନେ ରାଜ୍ୟ ତଥା କେନ୍ଦ୍ର ସରକାରଠାରେ ଚାପ ପକାଇ କାର୍ଯ୍ୟ ହାସଲ କରିବା ଉପଯୁକ୍ତ ମନେହୁଏ। ନଚେତ୍ ପରକୁ ମାନ କରି ଖପରାରେ ଖାଇବା ନ୍ୟାୟ ଭଳି ପ୍ରତ୍ୟୟମାନ ହେବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଲ୍ଲୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ନିଶା ସେବନକୁ ବିରୋଧ କରିବାରୁ ବଚସା, ପରେ ଅଘଟଣ

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ନିଶା ସେବନ ଅନେକଙ୍କ ସଂସାରରେ ଝଡ଼ ସୃଷ୍ଟି କରୁଛି। ପରିବାରର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଶା ସେବନରେ ବୁଡ଼ ରହୁଛନ୍ତି ପରିବାର ମୁଖ୍ୟ। ଏଥିଯୋଗୁ ପରିବାରରେ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଆଉ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇ କେତେବେଳେ ସ୍ୱାମୀ ସ୍ତ୍ରୀଙ୍କ ଜୀବନ ନେଉଛି ତ' କେତେବେଳେ ସ୍ତ୍ରୀ ସ୍ୱାମୀଙ୍କ ଜୀବନ ନେବାକୁ ପଛାଉ ନାହାନ୍ତି। ଏପରି କି ଅନେକ କ୍ଷେତ୍ରରେ ପିଲାମାନେ ମଧ ମା'ବାପାଙ୍କ ଜୀବନ ନେଇଯାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ରାଜ୍ୟରେ ଘଟୁଥିବାବେଳେ ଏହା ଥମିବାର ନାଁ ନେଉନାହିଁ। ମଙ୍ଗଳବାର ରାତିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ନିଶାଗ୍ରସ୍ତ ସ୍ୱାମୀଙ୍କୁ ମଦ୍ୟପାନ କରିବାକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ତ୍ରୀ ରାତିରେ ଶୋଇଥିବାବେଳେ କ୍ରୋଧରେ ଜର୍ଜରିତ ସ୍ୱାମୀ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୌତମ ବିଶ୍ୱାଳ(୪୧)ଙ୍କୁ ଗିରଫ କରିଛି। ଏଭଳି ଘଟଣା ପରେ ତାଙ୍କର ୨ ପିଲା ଏବେ ମା'ଛେଉଣ୍ଡ ହୋଇଯାଇଛନ୍ତି।


ଅତିରିକ୍ତ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ବଲାଙ୍ଗୀର/ଦେଓଗାଁ,୨।୪(ବୀରେନ୍ଦ୍ର କୁମାର ଝଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଅନ୍ତର୍ଲା ନିବାସୀ ଗୌତମ ପ୍ରାୟ ୧୪ ବର୍ଷ ତଳେ ଗୁରୁଣ୍ଡିପୁର ଜିଲା ତରଭା ଥାନା ଅଧୀନ ଅର୍ଜୀ ଗାଁର ଅମୂଲ୍ୟ ବିଶ୍ୱାଳ (୩୭)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ନାବାଳକ ସନ୍ତାନ ଅଛନ୍ତି। ଦିନମଜୁରିଆ ଭାବେ କାମ କରୁଥିବା ଗୌତମ ଅନେକ ସମୟରେ ମଦ୍ୟପାନ କରି ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ସେମାନଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର ରାତିରେ ଅମୂଲ୍ୟ ଶୋଇଥିବାବେଳେ ବିଳମ୍ବିତ ରାତିରେ ଗୌତମ ଏକ ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି ଆଲୋକ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅମୂଲ୍ୟଙ୍କ ଭାଇ କର୍ପଁମଲ୍ଲିକ କରିଥିବା ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଗୌତମ ଦୀର୍ଘଦିନ ହେଲା ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାରିଦେବାକୁ ଧମକ ଦେଇ ଆସୁଥିଲେ। ଶେଷରେ ସେ ତାଙ୍କୁ ହତ୍ୟା କରିଛନ୍ତି। ବୁଧବାର ସକାଳେ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିଥିଲା। ଖବରପାଇ ଦେଓଗାଁ ପୋଲିସ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରେ ଛାନ୍‌ଭିନ୍ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଏହାଛଡ଼ା ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତ ସ୍ୱାମୀ ଗୌତମଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ପରେ ଗୌତମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଅମୂଲ୍ୟଙ୍କ ମୃତଦେହ ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦେଓଗାଁ ଥାନାରେ ଏକ ମାମଲା (ନଂ. ୧୦୪/୨୦୨୫) ରୁଜୁ ହୋଇଛି। ନିଶାସେବନକୁ ନେଇ ପରିବାରରେ ବିବାଦ ସୃଷ୍ଟି ହୋଇ ଏଭଳି ଅଘଟଣ ଘଟିବା ରାଜ୍ୟରେ ଅନେକ ସମୟରେ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଲୋକମାନେ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଏଭଳି କାଣ୍ଡ ଭିଆଉଛନ୍ତି ବୋଲି ମନସ୍ତତ୍ତ୍ୱବିତ୍ ମତପ୍ରକାଶ କରିଛନ୍ତି।

### ପୂର୍ବରୁ ଘଟିଥିବା କେତେକ ଘଟଣା

**୨୦୨୫ ମାର୍ଚ୍ଚ ୨:** ରାତିରେ ଯାଜପୁର ଜିଲା ସୁକିନ୍ଦା ଥାନା ସଂସାରଭୋଲ ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ। ସ୍ୱାମୀ ମଦ୍ୟପାନ କରି ଘରେ ସବୁବେଳେ ଅଶାନ୍ତି ସୃଷ୍ଟି କରୁଥିଲେ। ତାଙ୍କୁ ଯେତେ ବୁଝାଇଲେ ବି ସେ ବୁଝୁ ନ ଥିଲେ। ଶେଷରେ ଅତିଷ୍ଠ ହୋଇ ସ୍ତ୍ରୀ କୁମାରି ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ହତ୍ୟା କରିବା ପରେ ଘର ପଛପଟେ ମୃତଦେହକୁ ପୋତି ଦେଇଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ତ୍ରୀ କୁମାରିଙ୍କୁ ଗିରଫ କରିଥିଲା।

**୨୦୨୫ ଫେବୃଆରୀ ୭:** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ପୁରୁଗାପଦର ଗ୍ରାମରେ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ତାଙ୍କ ୨ପୁଅ ଏବଂ ସ୍ତ୍ରୀ ହତ୍ୟା କରିଥିଲେ। ୫୦ ବର୍ଷୀୟ ଯଦୁ ଦଳପତି ଅଧିକାଂଶ ସମୟରେ ନିଶା ସେବନ କରି ସ୍ତ୍ରୀ ରୁକ୍ମିଣୀ ଦଳପତିଙ୍କୁ ମାଡ଼ ମାରିବା ସହ ଗଣ୍ଡଗୋଳ କରୁଥିଲେ। ଘଟଣା ଦିନ ସେ ମଦ ପିଇ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହା ଦେଖି ବଡ଼ପୁଅ ଧନେଶ୍ୱର ଦଳପତି ଓ ସାନପୁଅ ଫକୀର ତାଙ୍କୁ ରଶିରେ ବାନ୍ଧି ଏକ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଦୁଇପୁଅ ଧୋବେନ ଚଞ୍ଚରାରେ ରହୁଥିବା ଯଦୁଙ୍କ ଭ୍ରାଇଁ ଖୀରସିନ୍ଧୁଙ୍କୁ ଡକାଇ ପ୍ରମାଣ ନଷ୍ଟ ପାଇଁ ବାଡ଼ି ପଟେ ଗାତ ଖୋଳି ଯଦୁଙ୍କ ମୃତଦେହ ପୋତିଦେଇଥିଲେ।

**୨୦୨୩ ଅକ୍ଟୋବର ୧୦:** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଡିପଶା ଗ୍ରାମରେ ନିଶା ସେବନକୁ ନେଇ ସୃଷ୍ଟ ପାରିବାରିକ କଳହରେ ଅତିଷ୍ଠ ହୋଇ ସୁନୀତା ଜୁଆଙ୍ଗ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଘର ଭିତରେ ହତ୍ୟା କରିଥିଲେ। ଏପରି କି ହତ୍ୟା ପରେ ୩ଦିନ ପର୍ଯ୍ୟନ୍ତ ମୃତଦେହ ନିକଟରେ ସୁନୀତା ଜଗି ରହିଥିଲେ। ପରେ ପଡ଼ୋଶୀ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ସୁନୀତାଙ୍କୁ ଗିରଫ କରିଥିଲା।

**୨୦୨୦ ମେ ୧୭:** ବ୍ରହ୍ମପୁର ସଦର ପୋଲିସ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ମହିଳା ସୁନୀତା ବେହେରାଙ୍କ ସ୍ୱାମୀ ବନମାଳୀ ବେହେରା ଅକିଆ ଗୋଟାଳି ଭାବେ କାର୍ଯ୍ୟ କରନ୍ତି। ଯାହା ରୋଜଗାର ହୁଏ, ସେଥିରୁ ପ୍ରାୟ ଟଙ୍କାରେ ମଦ୍ୟପାନ କରନ୍ତି। ଏପରି କି ମଦ୍ୟପାନ କରି ପରିବାରରେ ସବୁବେଳେ ଅଶାନ୍ତି ସୃଷ୍ଟି କରନ୍ତି। ଏଥିରେ ଅତିଷ୍ଠ ହୋଇ ସୁନୀତା ବନମାଳୀଙ୍କୁ ହତ୍ୟା କରିଥିଲେ। ପୋଲିସ ସୁନୀତାଙ୍କୁ ଗିରଫ କରି ଜେଲ ପଠାଇବା ପରେ ତାଙ୍କ ୫ପିଲା ବେସାହାରା ହୋଇଯାଇଥିଲେ।

**୨୦୧୮ ଏପ୍ରିଲ ୨୩:** କେନ୍ଦୁଝର ଜିଲା ବାମବେରୀ ଥାନା ଅଞ୍ଚଳରେ ଜଣେ ନିଶାସକ୍ତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଘଟଣା ରାତିରେ ଅଭିଯୁକ୍ତ ସ୍ୱାମୀ ବିଷ୍ଣୁ ମୁଣ୍ଡା ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏନେଇ ସ୍ତ୍ରୀ ରାଗିଯିବା ସହ ସ୍ୱାମୀଙ୍କୁ ଖାଇବାକୁ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଷ୍ଣୁ ଏକ ବାଉଁଶରେ ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଦାସମଣିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନିକଟରେ ବିଷ୍ଣୁ ନିଜ ଦୋଷ ସ୍ୱୀକାର କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆଇଫୋନ ପାଇଁ ସାଙ୍ଗଙ୍କୁ ହତ୍ୟା

ସପ୍ତଦଶ ଜନ୍ମ ଦିବସ ପାଳନର ଦିନକ ପରେ ସାଙ୍ଗମାନଙ୍କ ସହ ବୁଲିବାକୁ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ଆଉ ଫେରିଲେନି। ପରେ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଜବତ ହେଲା। ଆଇଫୋନ୍-୧୧ ମୋବାଇଲ୍ ନ ଦେବାରୁ ଜଣେ ନାବାଳକ ସାଙ୍ଗ ଏଭଳି ଘଟଣା ଘଟାଇଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ନାବାଳକ ସାଙ୍ଗଙ୍କୁ ଧରି ଜୁଭେନାଇଲ କୋର୍ଟକୁ ପଠାଇଛି। ଏଭଳି ଏକ ଘଟଣା ପଞ୍ଜାବ ପଟିଆଲା ଅଞ୍ଚଳରେ ଘଟିଛି।

### ଜନ୍ମଦିନ ଅବସରରେ ବୁଲିବାକୁ ଯାଇ ଫେରିଲେନି



ମୃତ ନଭଜୋତ୍ ସିଂ

**ପଟିଆଲା(ପଞ୍ଜାବ),୨।୪**

ପଞ୍ଜାବ ପଟିଆଲାର ନଭଜୋତ୍ ସିଂ ଗତ ୨୪ତାରିଖରେ ନିଜର ୧୭ଶ ଜନ୍ମ ଦିବସ ପରିବାର ଲୋକଙ୍କ ସହ ମିଶି ପାଳନ କରିଥିଲେ। ଏହାର ଦିନକ ପରେ ସାଙ୍ଗମାନଙ୍କ ସହ ହରିଦ୍ୱାର ବୁଲିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ପରେ ସେ ହରିଦ୍ୱାର ଯାଉନାହାନ୍ତି ଏବଂ ଘରକୁ ଫେରୁଛନ୍ତି ବୋଲି ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଫେରି ନ ଥିଲେ। ସେହି ଦିନ ରାତିରେ ଏକ ଖଣ୍ଡବିଖଣ୍ଡିତ ମୃତଦେହ ରେଳଷ୍ଟେଶନ ନିକଟରେ ପଡ଼ିଥିବା ନେଇ ପୋଲିସ ଖବର ପାଇଥିଲା। ଉକ୍ତ ମୃତଦେହ ୨ଖଣ୍ଡ ହୋଇଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଚିହ୍ନଟ କରାଯାଇ ନ ପାରିବାରୁ ପୋଲିସ ଏହାର ପୋଷ୍ଟର ନିକଟସ୍ଥ ଅଞ୍ଚଳରେ ମାରିଥିଲା। ମାର୍ଚ୍ଚ ୩୦ତାରିଖ ଦିନ ନଭଜୋତଙ୍କ ବାପା ହରଜିନ୍ଦର ସିଂ ପୁଅକୁ ନ ପାଇ ପୋଲିସ ନିକଟରେ ପହଞ୍ଚିବା ପରେ ମୃତଦେହ ଚିହ୍ନଟ ହୋଇଥିଲା। ତଦନ୍ତ ସମୟରେ ନଭଜୋତଙ୍କୁ ତାଙ୍କ ସାଙ୍ଗ ଅମନଜୋତ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ନଭଜୋତ ବ୍ୟବହାର କରୁଥିବା ଆଇଫୋନ-୧୧କୁ ଅମନଜୋତଙ୍କ ଠାରୁ ଜବତ କରାଯାଇଥିଲା। ଆଇଫୋନ ନେବାକୁ ଅମନଜୋତ ତାଙ୍କ ସାଙ୍ଗ ନଭଜୋତଙ୍କୁ ହତ୍ୟା କରି ଜଣେ ସାଙ୍ଗ ସହଯୋଗରେ ଟ୍ରେନ୍ ଲାଇନରେ ପକାଇ ଦେଇଥିଲେ। ଏପରି କି ସହଯୋଗ ପାଇଁ ଅମନଜୋତ ତାଙ୍କ ସାଙ୍ଗକୁ ହଜାରେ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ଅମନଜୋତ ନାବାଳକ ହୋଇଥିବାରୁ ପୋଲିସ ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରିଛି।

# ଚାକିରି ଦେବାକୁ କହି ଠକେଇ, ନକଲି ଇନ୍ସପେକ୍ଟର ଗିରଫ



ଗିରଫ ଅଭିଯୁକ୍ତ, ଜବତ ନକଲି ପୋଲିସ ପୋଷାକ ଏବଂ ପରିଚୟ ପତ୍ର।

**କଟକ,୨।୪(କାର୍ତ୍ତିକ ସାହୁ)**

ପୋଲିସ ଇନ୍ସପେକ୍ଟରର ପରିଚୟ ଦେଇ ଠକେଇ କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଗୁଣ୍ଡିଚା ଦଳେଇ(୨୭)। ତାଙ୍କ ନିକଟରୁ ଏକ ଲାପ୍‌ଟପ୍, ୫ଟି ମୋବାଇଲ ଫୋନ୍, ନକଲି ଆଇ କାର୍ଡ, ପୋଲିସ ପୋଷାକ, ଟୋପି, ନାମଫଳକ, ଷ୍ଟାର, ଲୋଗୋ, ପୋଲିସ ଷ୍ଟାମ୍ପ, ଚେକ୍‌ବୁକ୍ ଆଦି ଜବତ କରାଯାଇଛି। ଏଥିସହ ତାଙ୍କ ଆକାଉଣ୍ଟରେ ଥିବା ୪ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରେ ବୁଧବାର ଅପରାହ୍ଣରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି। ଏଥିସହ ଚାକିରି ଆଶାୟୀମାନେ ଏଭଳି ଠକମାନଙ୍କ ପ୍ରତି ସତର୍କ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ କହିଛନ୍ତି। ସରକାରୀ ନିଯୁକ୍ତି ସ୍ୱଚ୍ଛ ଭାବେ ହୋଇଥାଏ। ତେଣୁ କେହି ଏଭଳି ପ୍ରତିଶ୍ରୁତି ଦେଇ ଟଙ୍କା ମାଗିଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ଡିସିପି କହିଛନ୍ତି।

ସୂଚନାନୁସାରେ, ଠକାମିର ଶିକାର ହୋଇଥିବା ପୀଡ଼ିତ ଜଣଙ୍କ କଟକ ନେତାଜୀ ବସ୍ ଟର୍ମିନାଲରେ ଜଣେ ସିକ୍ୟୁରିଟ୍ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସେ ହୋମ୍‌ଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିଲେ। ଇତିମଧ୍ୟରେ ସେ ଅଭିଯୁକ୍ତ ଗୁଣ୍ଡିଚାଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ଗ୍ରାମାଞ୍ଚଳ ଏସ୍‌ପି ଅଫିସରେ ଇନ୍ସପେକ୍ଟର ଥିବା କହି ତାଙ୍କୁ ପ୍ରଭାବିତ କରିଥିଲେ। ତାଙ୍କୁ ନିଜର ପୋଲିସ ୟୁନିଫର୍ମ ଓ ଆଇକାର୍ଡ ମଧ୍ୟ ଦେଖାଇଥିଲେ। ଏଥିସହ ହୋମ୍‌ଗାର୍ଡ ଚାକିରି କରାଇଦେଲେ ୧.୫ ଲକ୍ଷ ଟଙ୍କା ନେବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପୀଡ଼ିତ ତାଙ୍କୁ ପ୍ରାଥମିକ ଭାବେ ୧୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ।

# ଝିଅକୁ ହେମଦସ୍ତାରେ ପିଟି ଆତ୍ମହତ୍ୟା କଲେ ବାପା

**ଚାନ୍ଦବାଲି,୨।୪(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଁଶଡ଼ା ଥାନା ଅଧୀନ ତୋଟାପଡ଼ା ଗାଁର ଜେନାସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅକୁ ହେମଦସ୍ତାରେ ପିଟି ଗୁରୁତର କରିବା ପରେ ବାପା ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ତୋଟାପଡ଼ା ଗାଁ ଜେନାସାହିର ସୁରେନ୍ଦ୍ର ଜେନା ଅପରାହ୍ଣରେ କୌଣସି କାରଣରୁ ରାଗିଯାଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ହେମଦସ୍ତାରେ ପିଟି ଗୁରୁତର କରିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ଏକ ଗଛରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୀତାଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ପଡ଼ୋଶୀମାନେ ଉଦ୍ଧାର କରି ପ୍ରଥମେ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, କିଛି ମାସ ହେବ ସୁରେନ୍ଦ୍ରଙ୍କ ସ୍ତ୍ରୀ ନିଖୋଜ ଥିବାରୁ ବାପା ଝିଅ ଘରେ ରହୁଥିଲେ।

# ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସବାବପତ୍ର ବାଜ୍ୟାପ୍ତି

### ଠିକାସଂସ୍ଥା ଟଙ୍କା ପ୍ରଦାନରେ ଅବହେଳାରୁ କାର୍ଯ୍ୟାନୁଷ୍ଠାନ

**ସମ୍ବଲପୁର,୨।୪ (ପ୍ରମୋଦ ବହିଦାର)**

ଠିକାକାମ ବାବଦ ଟଙ୍କା ନ ଦେବାରୁ ବୁଧବାର ସମ୍ବଲପୁର ଜାତୀୟ ରାଜପଥ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି ଅଦାଲତ। ୨୦୦୭-୨୦୦୮ ମସିହାରେ କେନ୍ଦୁଝର ଜିଲା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୨କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ କାମ ଠିକାସଂସ୍ଥା ଓରିଏଣ୍ଟ କନ୍‌ଷ୍ଟ୍ରକଶନ୍ ପ୍ରାଇଭେଟ୍ ଲିମିଟେଡ୍ କରିଥିଲା। ହେଲେ ଏହି କାର୍ଯ୍ୟ ବାବଦକୁ ଜାତୀୟ ରାଜପଥ(ଏନ୍‌ଏଚ୍) ଡିଭିଜନ ଉକ୍ତ ଠିକାସଂସ୍ଥାକୁ ୭୪ଲକ୍ଷ ୧୬ହଜାର ୧୧୮ ଟଙ୍କା ପ୍ରଦାନ କରି ନ ଥିଲା। ଏହାକୁ ସମ୍ପୃକ୍ତ ଠିକାସଂସ୍ଥା ସମ୍ବଲପୁର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାରକରି ଅଦାଲତ ୨୦୧୩ ମସିହାରେ ଆବେଦନକାରୀ ଠିକାସଂସ୍ଥାକୁ ବକେୟା ଟଙ୍କା ଉପରେ ସୁଧକୁ ମିଶାଇ ମୋଟ ୧ କୋଟି ୪୨ଲକ୍ଷ ୨ହଜାର ୮୬୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଉକ୍ତ ଟଙ୍କା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଅଦାଲତ ପକ୍ଷରୁ ଗତ ମାର୍ଚ୍ଚ ୭ରେ ଜାରି ନିର୍ଦ୍ଦେଶ ଅନୁସାରେ ବୁଧବାର ଅଦାଲତର ପ୍ରୋସେସ ସର୍ଭରମାନେ ସମ୍ବଲପୁର ଜାତୀୟ ରାଜପଥ ଡିଭିଜନର ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି। ସେଥିମଧ୍ୟରେ କାର୍ଯ୍ୟାଳୟ ଆଲମାରୀ, ଟେବୁଲ, ଚୌକି, କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାକ୍ସ ମେଶିନ, ଟିଭି, ମନିଟର, ଇନ୍‌ଭର୍ଟର ଆଦି ସାମଗ୍ରୀ ରହିଛି।


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମ୍ପତି ଜବତ ହେଉଛି।

ଅଦାଲତରେ ଏହି ମାମଲାକୁ ପରିଚାଳନା କରୁଥିବା ଠିକାସଂସ୍ଥା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ବକେୟା ରାଶି ପ୍ରଦାନ କରି ନ ଥିଲେ। ଫଳରେ ସମ୍ପୃକ୍ତ ଠିକାସଂସ୍ଥାର ଆବେଦନ କ୍ରମେ ଅଦାଲତ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସମ୍ବଲପୁର ଜାତୀୟ ରାଜପଥ ସର୍କଲର ବ୍ୟକ୍ତିଗତ ସହାୟକ ଶ୍ୟାମ ସୁନ୍ଦର ପ୍ରସାଦ ରାମ କହିଛନ୍ତି, ଏ ବାବଦରେ ବିଭାଗର ଉଚ୍ଚ ଅଧିକାରୀମାନେ ହିଁ କହିପାରିବେ। ତେବେ ଅଦାଲତଙ୍କ ପକ୍ଷରୁ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରାଯାଇଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେହଟି ସରୁଆ ମୁହଁଟି ଚେପା**
**ଏହାକୁ ପରତେ ନ ଯିବ ବାପା।**

ଅପେକ୍ଷାକୃତ ଶରୀର ପତଳା ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଧ ଘଡ଼ିକି ଆଶା**
**ପୁଅ ମୁଣ୍ଡକୁ ଆଶା।**

କୃପଣ ବ୍ୟକ୍ତି ହାତରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ଚାହିଁ ନ ଥାନ୍ତି। ଖର୍ଚ୍ଚ କଥା ପଡ଼ିଲେ ଦେହରୁ ରକ୍ତ ଶୁଖିଯାଇଥାଏ। ଗୋଟିଏ ପଟେ ପିଲାର ଭଲ ମନ୍ଦ ନେଇ ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିଙ୍କୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାରପ୍ରାପ୍ତ ସମବାୟ ସମିତି ସମ୍ପାଦକ ଗିରଫ

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅର୍ଥ ଆତ୍ମସାତ

**ବାଲେଶ୍ୱର,୨।୪(ବାଞ୍ଛାନିଧି ଦେ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଗିରିଶ ଚନ୍ଦ୍ର ବେହେରାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଏ ନେଇ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହେବା ସହ ଗିରିଶଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ୨୦୨୧-୨୩ ମସିହା ମଧ୍ୟରେ ଚାଷ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଦୁର୍ଗାଦେବୀ ଅଞ୍ଚଳର ୩୮ଜଣ ଚାଷୀଙ୍କ କ୍ଷତିପୂରଣ ବାବଦ ୫ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗର ତଦନ୍ତରେ ସମ୍ପୃକ୍ତ କ୍ଷତିପୂରଣ ଅର୍ଥ ବାବଦରେ ଗିରିଶ ଉପଯୁକ୍ତ ତଥ୍ୟ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା।

# ପ୍ରେମିକଙ୍କୁ ଅପହରଣ କରି ୧୦ ଲକ୍ଷର ମୁକ୍ତିଜାମିନ

### ପ୍ରେମିକାଙ୍କ ସହ ୪ ଯୁବକ ହୋଟେଲରୁ ଗିରଫ

- ହୋଟେଲରେ ବନ୍ଦୀ କରି ରଖିଥିଲେ, ଉଦ୍ଧାର କଲା ପୋଲିସ
- ବଡ଼ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହାୟତାରେ କାଣ୍ଡ ଭିଆଇଥିଲେ

**ଭୁବନେଶ୍ୱର,୨।୪(ସତ୍ୟଜିତ୍ ରାଉତ)**

ନିବିଡ଼ ପ୍ରେମ ସମ୍ପର୍କରୁ ଲିଭ୍ ଇନ୍। ପରେ ପ୍ରେମିକାଙ୍କ ଚରିତ୍ର ଉପରେ ସନ୍ଦେହ ବଢ଼ିବାରୁ ହୋଇଥିଲା ଝଗଡ଼ାର ସୂତ୍ରପାତ। ଏଥିପାଇଁ ପ୍ରେମିକାଙ୍କୁ ଶାସ୍ତି ଦେବାକୁ କରିଥିଲେ ବଡ଼ ଷଡ଼ଯନ୍ତ୍ର। ବଡ଼ ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହଯୋଗରେ ନିଜ ଲିଭ୍ ଇନ୍ ପାର୍ଟନର୍‌ଙ୍କୁ ନିସ୍ତୁକ ମାଡ଼ ମାରିବା ସହ କରାଇଥିଲେ ଅପହରଣ। ଏପରି କି ଅଭିଯୁକ୍ତମାନେ ମୁକ୍ତି ଜାମିନ ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ମାମଲାରେ କମିଶନରେଟ୍ ପୋଲିସ ବୁଧବାର ଭୁବନେଶ୍ୱରର ଏକ ହୋଟେଲରୁ ଅପହର୍ତ୍ତାଙ୍କ କବଳରୁ ଜଗତ୍‌ସିଂହପୁର ଜିଲା ଘଡ଼ିମୂଳ ଗାଁର ଅପହୃତ ଯୁବକ ସୋମନାଥ ସ୍ୱାଇଁଙ୍କୁ ଉଦ୍ଧାର କରିଛି। ଏଥିସହ ପ୍ରେମିକା ଝାଡ଼ଖଣ୍ଡ ଜାମସେଦପୁରର ପ୍ରାପ୍ତି ଶର୍ମା(୨୩), ତାଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ଏବଂ ଅନ୍ୟ ୩ ଯୁବକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପ୍ରାପ୍ତିଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ପାହାଳ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ଆକାଶ କୁମାର ପରିଜା(୨୯) ଏବଂ କଳିଙ୍ଗନଗର ଶାମପୁରରେ ରହୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗରର



ଗିରଫ ଯୁବତୀଙ୍କ ସମେତ ଅଭିଯୁକ୍ତ।

ରାକେଶ ଚନ୍ଦ୍ର ବାରିକ(୩୩), ପାରାଦୀପର ଶ୍ୟାମସୁନ୍ଦର ସାହୁ (୨୨) ଓ ଭରତପୁରର ଶିବରାମ ବେହେରା(୨୮)। ଅଭିଯୁକ୍ତଙ୍କ ନିକଟରୁ ଏକ ଆଇ-୨୦ କାର୍ (ଓଡି୦୫-ଏଜେଡ୍-୩୫୮୭), ହୋଣ୍ଡା ସିଟି କାର୍ (ଓଡି୦୨-ଏପି-୩୪୪୩), ୮ ମୋବାଇଲ, ଆକ୍ରମଣରେ ବ୍ୟବହୃତ ବାଡ଼ି, କାଠଫାଳିଆ ଜବତ ହୋଇଛି। କୋର୍ଟ ଚାଲାଣ ପରେ ୫ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ପ୍ରେମିକା ପ୍ରାପ୍ତିଙ୍କ ସହ ସୋମନାଥ ଝାରପଡ଼ା ମହାବୀରନଗର ଲେନସ୍ଥିତ ଭଡ଼ାଘରେ ୩ବର୍ଷ ହେବ ଲିଭ୍ ଇନ୍‌ରେ ରହୁଥିଲେ। ସୋମନାଥଙ୍କ ଅନ୍ୟ ପରିବାର ସଦସ୍ୟମାନେ ଜାମସେଦ୍‌ପୁରରେ ରୁହନ୍ତି। ପ୍ରାପ୍ତି ଆଉ ଜଣେ ଯୁବକଙ୍କ ସହ ସମ୍ପର୍କ ରଖିଥିବା ସୋମନାଥ ସନ୍ଦେହ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ହେଉଥିଲା। ଗତ ୩୦ତାରିଖରେ ସୋମନାଥ ଓ ପ୍ରାପ୍ତିଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ଓ ବଚସା ହୋଇଥିଲା। ଏତିକିବେଳେ ପ୍ରାପ୍ତିଙ୍କୁ ସୋମନାଥ ମାଡ଼ ମାରିଥିଲେ। ସୋମନାଥ ମାଡ଼ ମାରିଥିବା ନେଇ ପ୍ରାପ୍ତି ନିଜ ବଡ଼ଭଉଣୀଙ୍କୁ କହିଥିଲେ। ପରେ ବଡ଼ଭଉଣୀ ଆକାଶଙ୍କୁ କହିଥିଲେ। ସେହିଦିନ ଆକାଶ କାର୍‌ରେ ଅନ୍ୟ ୩ ସହଯୋଗୀଙ୍କ ସହ ଝାରପଡ଼ାସ୍ଥିତ ଭଡ଼ାଘରକୁ ଆସିଥିଲେ। ସେମାନେ ସୋମନାଥଙ୍କୁ କାଠଫାଳିଆ, ବାଡ଼ି ଆଦିରେ ଆକ୍ରମଣ କରିବା ସହ ବଳପୂର୍ବକ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନେ ସୋମନାଥଙ୍କୁ ସମ୍ ହସ୍ପିଟାଲ ନିକଟ ଏକ ହୋଟେଲକୁ ନେଇ ବନ୍ଦୀ କରି ରଖିଥିଲେ। ଜଣେ ଅଭିଯୁକ୍ତ ମାର୍ଚ୍ଚ ୩୧ ରାତି ପ୍ରାୟ ୧୦ଟା ୩୦ରେ ସୋମନାଥଙ୍କ ମୋବାଇଲରୁ ଜାମ୍‌ସେଦପୁରରେ ରହୁଥିବା ତାଙ୍କ ଭଉଣୀ ଅଞ୍ଜିତାଙ୍କୁ କଲ୍ କରିଥିଲେ। ସୋମନାଥଙ୍କୁ ମୁକୁଳାଇବା ପାଇଁ ସେମାନେ ୧୦ ଲକ୍ଷ ଟଙ୍କା ମାଗିଥିଲେ। ଏହି ଘଟଣାରେ ଅଞ୍ଜିତା ଭୁବନେଶ୍ୱର ଆସି ଖାରବେଳନଗର ଅଞ୍ଚଳରେ ସୋମନାଥ ରହୁଥିବା ଶୁଣିବାକୁ ପାଇ ଉକ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭାଇଙ୍କ ସହ ରହୁଥିବା ପ୍ରାପ୍ତି ହିଁ ଏନେଇ ଜାଣିଥିବା ସେ ଆଶଙ୍କା କରି ପୋଲିସକୁ ଜଣାଇଥିଲେ। ଥାନାରେ ମାମଲା (ନଂ.୧୩୧/୨୦୨୫) ରୁଜୁ ହେବା ସହ ତଦନ୍ତ ପାଇଁ ପୋଲିସ ୩ଟି ଟିମ୍ ଗଠନ କରିଥିଲା। ଫୋନ କଲ୍, ସିସିଟିଭି ଫୁଟେଜ୍ ଏବଂ ଅନ୍ୟ ବୈଷୟିକ ତଥ୍ୟ ସାହାଯ୍ୟରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ମାମଲା ରୁଜୁ ହେବାର ୬ଘଣ୍ଟା ଭିତରେ ଅପହର୍ତ୍ତାଙ୍କ କବଳରୁ ଅପହୃତଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ଏପରିକି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ କରିଦେଇଥିଲେ। ହେଲେ କେତୋଟି ବିଷୟକୁ ନେଇ ପ୍ରଯୋଜନା ସଂସ୍ଥା ଏବଂ ତାଙ୍କ ଭିତରେ ତୁ ତୁ ମେଁ ମେଁ ଜାରି ରହିଛି। କଥା କ'ଣ କି ନିକଟରେ ମୃଣାଳଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ଏହାର କାହାଣୀକୁ ନେଇ ତାଙ୍କ ମନରେ କେତେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ନିଜ ଭୂମିକାଟି ଆହୁରି ଦମଦାର ହେଉ ବୋଲି ସେ ପ୍ରଯୋଜକଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ନେଇ ଚିନ୍ତା କରାଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଛି। ଆଉ ତା'ପରେ ଏହି ଅଫରକୁ ନେଇ ଦୋଛକିରେ ପଡ଼ିଛନ୍ତି ମୃଣାଳ। ''ଯଦି ଦୁଇ ସପ୍ତାହ ଭିତରେ ମୋତେ କିଛି ଫାଇନାଲ ସୂଚନା ନ ମିଳେ ତେବେ ଏହି ଅଫରକୁ ମୁଁ ହାତଛଡ଼ା କରିପାରେ ବୋଲି କହନ୍ତି ମୃଣାଳ।'' ଏଭଳି ଅଫରକୁ ସେ ଗ୍ରହଣ କରୁଛନ୍ତି ନା ହାତଛଡ଼ା କରୁଛନ୍ତି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# 'ଅନାମ'ରୁ ଆରମ୍ଭ



ଗଣେଶ ଆଚାର୍ଯ୍ୟ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କର ମୃତ୍ୟୁ ହେବା ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ୨୦୧୨ରେ ନିର୍ମିତ 'ଅଗ୍ନିପଥ'ର 'ଚିକ୍‌ନି ଚମେଲି' ଗୀତ ତାଙ୍କ କୋରିଓଗ୍ରାଫି କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା। ଏହି ଗୀତଟି କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ହୋଇଥିଲା। ଗଣେଶଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡ଼ୱା-୨', 'ବାଗୀ-୨', 'କେଜିଏଫ : ଚାପ୍ଟର-୧ (ହିନ୍ଦୀ ଭର୍ସନ), 'ସିମ୍ବା', 'କୁଲି ନଂ ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କ ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି ଗଣେଶ ମଧ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ କରିଛନ୍ତି।

## ରିଲିଜ ଅପେକ୍ଷାରେ

# ଦେବାଶିଷ ଯାହା ଚାହୁଁଥିଲେ...

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଆଉ ଏକ ଭୂମିକା ପାଇବା ପରେ ଦେବାଶିଷ ପାତ୍ର କେମିତି ଖୁସିରେ ଉଚ୍ଛୁଳୁଛନ୍ତି। ରିଲିଜ ଅପେକ୍ଷାରେ ରହିଥିବା ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଆଉ ଏଭଳି ଏକ ଭିନ୍ନ ଧରଣର ଚରିତ୍ରଟିଏ ପାଇବା ପରେ ତାହାର ସଫଳତାକୁ ନେଇ ଢେର୍ ଆଶା ବାନ୍ଧିଛନ୍ତି ଏହି ଅଭିନେତା। ଆଗଧାଡ଼ିର ନାଟ୍ୟକାର ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି। ଆର୍.ଆର୍. ଇଭେଣ୍ଟସ ଆଣ୍ଡ୍ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ରମେଶ ବାରିକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏ ସମ୍ପର୍କରେ ଦେବାଶିଷ କହନ୍ତି, ''ଏଭଳି ଏକ ଭୂମିକାଟିଏ ପାଇବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। ପୁଣି ସୁଧାଂଶୁ ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଚରିତ୍ରରେ କ'ଣ ରହିଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ।'' ଡା. ନିର୍ମଳ ନାୟକ, ଜେ.ପି. ୱାର୍ଡସ୍ୱିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଏଥିରେ ଦେବଶିଷଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ ସଙ୍ଗୀତା। ଏମାନଙ୍କ ବ୍ୟତୀତ ଅନନ୍ୟା ମିଶ୍ର, ଚୌଧୁରୀ ବିକାଶ ଦାସ, କେକେ, ପୃଥ୍ୱୀରାଜ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ମଧ ଦେଖିବାକୁ ମିଳିବ।



'ଗଣ୍ଡ ଭୈରବ' ଫିଲ୍ମରେ ଦେବାଶିଷ

# ସରକାରୀ ଜ୍ୱାଇଁ



ପୁପିନ୍ଦର

ଅନେକେ ସରକାରୀ ଜ୍ୱାଇଁଟିଏ ଚାହିଁଥାଆନ୍ତି। ଏହା ପଛରେ ତ ଅନେକ କାରଣ ରହିଛି। କିନ୍ତୁ ସରକାରୀ ଜ୍ୱାଇଁଟିଏ କରିବା ପରେ ଜଣେ କିଭଳି ପରିସ୍ଥିତିର ସାମ୍ନା କରୁଛି ତାହାକୁ ଉକ୍ତ ସିନେମାରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ସିନେମାଟିର ଟାଇଟଲ ରହିଛି 'ସରକାରୀ ଜ୍ୱାଇଁ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଶୋକ କୁମାର ବେହେରା। କାହାଣୀ ରଚନା କରିଛନ୍ତି ଶିବାନୀ ବେହେରା। ଖାସ୍ କଥା ହେଲା ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଏ ସମ୍ପର୍କରେ ସେ କହନ୍ତି, ''ସରକାରୀ ଜ୍ୱାଇଁକୁ ନେଇ ଏହି ଫିଲ୍ମର କାହାଣୀ କି ମୋଡ ନେଉଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ। ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ସମସ୍ତେ ଚେଷ୍ଟା କରିଛନ୍ତି। ଆଶା ରଖିଛି ଦର୍ଶକ ଆମର ପରିଶ୍ରମର ମୂଲ୍ୟ ନିଶ୍ଚୟ ବୁଝିବେ।'' ଏହାର ଟାଇଟଲ ଭୂମିକାରେ ଅଭିନୟ କରଛନ୍ତି ପୁପିନ୍ଦର। ସବୁଠାରୁ ଖାସ୍ କଥା ହେଲା, ଅପେରା ଜଗତର ବିଶିଷ୍ଟ ଅଭିନେତା ବାପି ପଣ୍ଡା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିଷେକ ରଥ, ତନୁଶ୍ରୀ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ବୁଲୁ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ।

# ରାକେଟ୍

ଅପରାଧୀଙ୍କ ପାଇଁ ଆଇନ କାନୁନ ଯେତିକି ଦୃଢ଼ ହେଉଛି ସେହି ଅନୁସାରେ ସେମାନେ ନିଜର କାୟା ବିସ୍ତାର କରୁଛନ୍ତି। ଦିନକୁ ଦିନ ସମାଜରେ ବିଭିନ୍ନ ପ୍ରକାର ଅପରାଧ ବଢ଼ିଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହା କେବଳ ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନାହିଁ କେତେକ ଅପରାଧର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଥିବାର ଅନେକ ନଜୀର ରହିଛି। ଏବେ ବିଭିନ୍ନ ପ୍ରକାର ରାକେଟ୍ କାମ କରୁଛି। ଏଭଳି ଏକ ବଡ଼ ତଥା ଚାଞ୍ଚଲ୍ୟକର ରାକେଟକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ରାକେଟ୍'। ଚଳିତ ମାସ ୨୫ ତାରିଖରେ ଦର୍ଶକମାନେ ଏହି ଫିଲ୍ମଟିକୁ ବଡ଼ ପରଦାରେ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। କାହାଣୀ ରଚନା କରିଛନ୍ତି ହେମନ୍ତ ପାତ୍ର। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। କ୍ୟାମେରାରେ ଦାୟିତ୍ୱ ତୁଲାଇଛନ୍ତି ଆର୍. ଭଗତ ସିଂ ଏବଂ ସମ୍ପାଦନାରେ ଅଛନ୍ତି ସୁକୁମାର ମଣି। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫିରେ ଅଛନ୍ତି ଏସ୍. କେ. ମୁରଲୀଧରନ୍। ଦୀର୍ଘଦିନର ବ୍ୟବଧାନ ପରେ ସେ ପୁଣି ଥରେ ଓଡ଼ିଆ ସିନେମାକୁ ଫେରୁଛନ୍ତି। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ ଏବଂ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।



'ରାକେଟ୍' ଫିଲ୍ମରେ ନମ୍ରତା ଥାପ୍ପା

# ବୁଦ୍ଧିମତୀ ତାପସୀ

ତାପସୀ ପାନ୍ନୁଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡ଼ିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡ଼େ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ତାଙ୍କର କେତେଜଣ ସାମ୍ବାଦିକଙ୍କ ସହ ସାମ୍ନାସାମ୍ନି ହୋଇଯାଇଥିଲା। ସେମାନେ ଯେଉଁ ପ୍ରଶ୍ନସବୁ ପଚାରିଲେ ସେଗୁଡ଼ିକର ଉତ୍ତର ତାପସୀ ବେଶ୍ ଥଣ୍ଡା ମିଜାଜରେ ଦେଇଥିଲେ। କେବଳ ସେତିକି ନୁହେଁ, କୁଲ୍ କୁଲ୍ ତାପସୀ ସେହି ସମୟରେ ଶାହରୁଖଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ ସାମ୍ବାଦିକମାନଙ୍କୁ ସାମ୍ନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଶାହରୁଖଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ତାଙ୍କ ଅଭିନୟରେ ଭିନ୍ନତା ରହିଛି।'' ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। ୨୦୧୦ରେ ତେଲୁଗୁ ଫିଲ୍ମ 'ଝୁମାନ୍ଦି ନାଡମ'ରୁ ସେ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଠିକ୍ ଏହାର ପରବର୍ଷ ତାଙ୍କୁ ତାମିଲ ଫିଲ୍ମ (ଅଡ୍ଡୁକାଲାମ)ରେ ମଧ ବ୍ରେକ୍ ମିଳିଥିଲା। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଡେଭିଡ୍ ଧାୱନଙ୍କ 'ଚସ୍‌ମେ ବଦ୍ଦୁର'।



ତାପସୀ

# ଦଶ ହଜାରରୁ ଜଣେ...

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିସନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''



ସାନ୍ୟା

# ଢେଙ୍କାନାଳ କଲେଜରେ ତେଜିଲା ଛାତ୍ର ଆନ୍ଦୋଳନ

■ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା
■ଅଧ୍ୟକ୍ଷଙ୍କ କୁଶ ପୁତ୍ତଳିକା ଦାହ

ଢେଙ୍କାନାଳ,୨।୪(ରତନ ନାୟକ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ପୁଣି ଛାତ୍ର ଆନ୍ଦୋଳନ ତେଜିଛି । ଅଧ୍ୟକ୍ଷଙ୍କ କାଲ୍ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଚାକିରି କରିବା ଏବଂ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଏବଂ କଲେଜ କ୍ୟାମ୍ପସ ମଧ୍ୟରେ ଏକ ଶୌଚାଳୟ ନିର୍ମାଣ କରିବା ଆଦିକୁ ନେଇ ଶତାଧିକ ଛାତ୍ର କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ପ୍ରଦାନ କରିଥିଲେ । ଏଥିସହିତ ଅଧ୍ୟକ୍ଷଙ୍କ କୁଶ ପୁତ୍ତଳିକା ମଧ୍ୟ ଦାହ କରିଥିଲେ ।



ଗେଟ୍‌ରେ ତାଲା ପକାଇ ଛାତ୍ରମାନେ ଆନ୍ଦୋଳନ କରୁଛନ୍ତି ।

ପରିସ୍ଥିତି ଅସ୍ୱାଭାବିକ ହେବାରୁ ଟାଉନ ଥାନା ପୋଲିସ ଓ ସଦର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଛାତ୍ରମାନଙ୍କୁ ବୁଝାସୁଝା କରିଥିଲେ । କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ କେତେକ ଅଧ୍ୟାପକ, ପୋଲିସ ଓ ତହସିଲଦାର ମିଳିତ ଭାବେ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ସାହୁ ଜାଲ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଚାକିରି କରିବା ଘଟଣାର ଯେ ପର୍ଯ୍ୟନ୍ତ ତଦନ୍ତ ନ ସରିଛି, ସେଯାଏ ତାଙ୍କୁ କଲେଜରୁ ବହିଷ୍କାର କରାଯାଉ । କଲେଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଅଧ୍ୟକ୍ଷ ବାଧାସୃଷ୍ଟି କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ବୋଲି ଛାତ୍ରମାନେ ଅଭିଯୋଗ କରିଥିଲେ । ଏଥିସହିତ କଲେଜ କ୍ୟାମ୍ପସ ମଧ୍ୟରେ ସର୍ବସାଧାରଣଙ୍କ ପାଇଁ ନିର୍ମାଣ ହେବାକୁ ଥିବା ଶୌଚାଳୟକୁ ତୁରନ୍ତ ସ୍ଥାନାନ୍ତରିତ କରିବା ପାଇଁ ଛାତ୍ରମାନେ ଅଡି ବସିଥିଲେ । ଏ ସଂକ୍ରାନ୍ତରେ ମାଜିଷ୍ଟ୍ରେଟ ଭାବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ସଦର ତହସିଲଦାର ସ୍ୱାଧୀନ ବେହେରା କହିଛନ୍ତି ଯେ, ଆନ୍ଦୋଳନରତ ଛାତ୍ରମାନଙ୍କୁ ଜଲେଜରେ ପାଠପଢା ଏବଂ ଖାତା ଦେଖାରେ କୌଣସି ବ୍ୟାଘାତ ସୃଷ୍ଟି ନ କରିବା ପାଇଁ ବୁଝାସୁଝା କରାଯାଇଛି । ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟ ଘଟଣାର ଉଚ୍ଚଶିକ୍ଷା ବିଭାଗରେ ଏକ ପ୍ରତିନିଧି ଦଳ ତଦନ୍ତ କରି ଯାଇଛନ୍ତି । ରିପୋର୍ଟ ପରେ ସରକାରଙ୍କ ପକ୍ଷରୁ ଯାହାକିଛି ପଦକ୍ଷେପ ନିଆଯିବ ।

# ଖଡ଼ିଛୁଆଁ ଓ ଶିଶୁବାଟିକା ଶୁଭାରମ୍ଭ

ଢେଙ୍କାନାଳ,୨।୪(ରତନ ନାୟକ)

ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଅନୁସାରେ ବୁଧବାର ସ୍ଥାନୀୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି । ଶିଶୁ ବାଟିକା ନିମନ୍ତେ ୨ଜଣ ଶିଶୁ ଓ ପ୍ରଥମଶ୍ରେଣୀ ନିମନ୍ତେ ୯ ଶିଶୁଙ୍କୁ ଅତିଥିମାନେ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ । ପାରମ୍ପରିକ ରୀତିରେ ଶିଶୁମାନଙ୍କର ଖଡ଼ିଛୁଆଁ କାର୍ଯ୍ୟ ହୋଇଥିଲା । ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ପୌର ପରିଷଦର ଅଧ୍ୟକ୍ଷ ଜୟନ୍ତୀ ପାତ୍ର, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠି, ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।




ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ।

ବିଦ୍ୟାଳୟ ପରିସରରେ ଶିଶୁମାନଙ୍କ ପାଇଁ ଖୋଲା ଯାଇଥିବା ଫ୍ୟାମେରେସି ଷ୍ଟେସନ, କ୍ରିଏଟ୍ ଷ୍ଟେସନ ଓ କିଚେନ ଷ୍ଟେସନ (ଗୃହ)କୁ ଜିଲାପାଳ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ବୁଧବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପରଇଞ୍ଜ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ସମସ୍ତ ଅତିଥିମାନେ ଏକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

# ଭୁବନ ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ



ଭୁବନ, ୨।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ବୁଧବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନୂତନ ସଭାପତି ନିରଞ୍ଜନ ଜେଠୀ, ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶପଥପାଠ କରିଥିଲେ । ଆଗାମୀ ଦିନରେ କିପରି ଭୁବନ ଓକିଲ ସଂଘ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗକୁ ତ୍ୱରାନ୍ୱିତ କରି ଜିଲାରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବେ ବୋଲି ସଭାପତି ନିରଞ୍ଜନ ଜେଠୀ କହିଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ସମସ୍ତ ଆଇନଜୀବୀ ଉପସ୍ଥିତ ରହି ସଭାପତି ଓ ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରିଥିଲେ । ନିର୍ବାଚନ ଦାୟିତ୍ୱରେ ଥିବା ଆଇନଜୀବୀ ଭାସ୍କର ସ୍ୱାଇଁ ଉପସ୍ଥିତ ରହି ଚଳିତ ବର୍ଷ ନିର୍ବାଚନକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# କପିଳାସ ପୀଠ ଯାତ୍ରୀ ନିବାସରେ ବନ୍ଦ ହେଲାନି ଅରୁଆ ହୋଟେଲ

ଢେଙ୍କାନାଳ,୨।୪(ରତନ ନାୟକ)

**ପ୍ରଶାସନର ନିଷ୍ପତ୍ତିକୁ ମାନିଲେନି ଲିଜ୍‌ଧାରୀ**

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ ମୁଖଶାଳା ନିକଟରେ ଥିବା ଯାତ୍ରୀ ନିବାସରେ ଚାଲିଥିବା ଅରୁଆ ହୋଟେଲକୁ ଏପ୍ରିଲ ୧ ତାରିଖରୁ ବନ୍ଦ କରାଯିବା ପାଇଁ ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ଦେବୋତ୍ତର ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏ ସଂକ୍ରାନ୍ତରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଗତ ୨୬ ତାରିଖରେ ଉପ ଜିଲାପାଳଙ୍କ ଉପସ୍ଥିତିରେ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ପୀଠରେ ଅବ୍ୟବସ୍ଥାକୁ ନେଇ ଏକ ବୈଠକରେ ଏପ୍ରିଲ ୧ ତାରିଖରୁ ଯାତ୍ରୀ ନିବାସରେ ଚାଲିଥିବା ଅରୁଆ ହୋଟେଲକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଏହି ନିଷ୍ପତ୍ତିକୁ ଲିଜଧାରୀମାନେ ମାନି ନଥିବା ବେଳେ ୧ ତାରିଖ ପରେ ମଧ୍ୟ ଯାତ୍ରୀ ନିବାସରେ ଅରୁଆ ହୋଟେଲ ଚାଲୁଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଅଭିଯୋଗ କରିଛନ୍ତି । ସେହିପରି ଏପ୍ରିଲ ୧ ତାରିଖରୁ କପିଳାସ ପୀଠରୁ ଟୋଲଗେଟ୍ ବ୍ୟବସ୍ଥା ଉଚ୍ଛେଦ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ପାର୍କିଷ୍ଟାଣ୍ଡ ନିଲାମଧାରୀ ପୂର୍ବଭଳି ଢେଙ୍କାନାଳ-କପିଳାସ ରାସ୍ତାରେ ଟୋଲଗେଟ୍ ଦ୍ୱାରା ଯାନବାହାନଗୁଡିକରୁ ପାର୍କିଂ ଫି ଓ ଟୋଲଗେଟ୍ ଫି ଆଦାୟ କରୁଛନ୍ତି । ଯଦି କପିଳାସ ସୁରକ୍ଷା ପରିଷଦର ଦାବି ଅନୁସାରେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସ୍ଥଗିତ ଥିବା ଆନ୍ଦୋଳନ ପୁଣି ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ପରିଷଦର ସଭାପତି ଗୁରୁଚରଣ ମହାପାତ୍ର କହିଛନ୍ତି ଯେ, କପିଳାସ ପୀଠରେ ଶ୍ରଦ୍ଧାଳୁମାନଙ୍କୁ ଆର୍ଥିକ ଶୋଷଣ ବନ୍ଦ କରାନଗଲେ, ପୀଠ ପରିବେଶକୁ ସ୍ୱଚ୍ଛ ସୁନ୍ଦର କରାନଗଲେ ପୁଣି ଥରେ ଜିଲ୍ଲା ପ୍ରଶାସନକୁ ନୋଟିସ୍ ଦିଆଯାଇ ଖୁବଶିଘ୍ର ଅନଶନ ଓ ଧର୍ମଘଟ କରାଯିବ । ପରିଷଦର ଆବାହକ ପୂର୍ବତନ ବିଧାୟକ ନବୀନ ନନ୍ଦ ଏ ସଂକ୍ରାନ୍ତରେ ପୁଣିଥରେ ମେଲ୍ ଯୋଗେ ଜିଲାପାଳ ଓ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ।

# ଆରମ୍ଭ ହେଲା ଇନ୍ଦିପୁର ସୁନାଦଣ୍ଡ



ଇନ୍ଦିପୁରରେ ସୁନାଦଣ୍ଡ ।

ଢେଙ୍କାନାଳ,୨।୪(ରତନ ନାୟକ)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ପଞ୍ଚାୟତର କାମନା ମନ୍ଦିରରୁ ମଙ୍ଗଳବାର ରାତିରେ ମନ୍ଦିରର ମାଳି ଏବଂ କାଳିସୀଙ୍କ ଷୋଡଶ ଉପଚାର ପରେ ଗର୍ଭଗୃହରେ ଘଟ ରୂପରେ ବାହାରିଛନ୍ତି ସୁନାଦଣ୍ଡ । ଦଣ୍ଡୁଆମାନେ କଳା ଋଦ୍ରମଣୀ ଡାକଦେଇ ପାଣି ଡୋଳାଇବାକୁ ଗୋଡି ପୋଖରୀକୁ ଯାଇଥିଲେ । ସେଠାରେ ପୂଜାସାରି ଭୋରରୁ ବାଦ୍ୟଘଣ୍ଟ ବଜାଇ ମଧ୍ୟାହ୍ନରେ କାମନା କାଳୀଙ୍କୁ ପୂଜାକରି ମନ୍ଦିର ପ୍ରାଙ୍ଗଣରେ ମାନସିକଧାରୀ ଦଣ୍ଡୁଆ ଧୂଳିଦଣ୍ଡ କରିଥିଲେ । ଆସନ୍ତାକାଲିଠାରୁ ମାନସିକ କରି ଗୁଆ ଲଗାଇ ନିମନ୍ତ୍ରଣ କରିଥିବା ଭକ୍ତଙ୍କ ଦାଣ୍ଡରେ ଦଣ୍ଡୁଆମାନେ ଧୂଳିଦଣ୍ଡ କରିବେ । ଚଳିତବର୍ଷ ଇନ୍ଦିପୁର ସୁନାଦଣ୍ଡ ପ୍ରଗଟ ହେବାର ୧୫୦ବର୍ଷ ହୋଇଥିବା କାଳିସୀ ଗୋରୀ ସେଠି କହିଛନ୍ତି । ପଣ ସଂକ୍ରାନ୍ତି ପୂର୍ବଦିନ ଦଣ୍ଡୁଆମାନେ ମେରୁଚ୍ଛତ ପାଳନ କରି ଭୁଇଲେଖା କଣ୍ଠରେ ଦଣ୍ଡ ଗଡିବା ପରେ ଏହା ଉଦଯାପନ ହେବ ।

# ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଢେଙ୍କାନାଳ,୨।୪(ରତନ ନାୟକ)

ଢେଙ୍କାନାଳ ଜିଲ୍ଲା ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ମଙ୍ଗଳବାର ହାଉସିଂ କଲୋନିସ୍ଥିତ କିସିଣ୍ଡା କ୍ଲବ ପରିସରରେ ଓଡ଼ିଶା ଦିବସ ୨୦୨୫ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ପ୍ରଦେଶ ଗଠନ ଓ ଏହାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଟାଟାଷ୍ଟିଲ ମେରାମଣ୍ଡଳୀର ଅପରେସନ ଭାଇସ ପ୍ରେସିଡେଣ୍ଟ ଉତ୍ତମ ସିଂହ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ସେମାନଙ୍କର ପରିବାରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ




ପାଇଁ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସମ୍ପର୍କିତ ଅନଲାଇନ କୁଇଜ୍ କାର୍ଯ୍ୟକ୍ରମ ସହିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଓଡ଼ିଶାର ସୁନ୍ଦର ହସ୍ତତନ୍ତ, ହସ୍ତକଳା, ଖାଦ୍ୟ ପଦାର୍ଥ ବିଭିନ୍ନ ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା । ଟାଟାଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ଗୃହଲକ୍ଷ୍ମୀ ସମବାୟ ସମିତିର ମହିଳାମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଦ୍ରବ୍ୟ ଷ୍ଟଲ ଗୁଡିକରେ ବିକ୍ରି ଉଦ୍ଦେଶ୍ୟରେ ପ୍ରଦର୍ଶିତ ହୋଇଥିଲା । ସେହିପରି କର୍ମଚାରୀ ତଥା ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ଅତିଥି ଖାଦ୍ୟ ଷ୍ଟଲଗୁଡିକରେ ପ୍ରଦର୍ଶିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଖାଇ ଉତ୍କଳ ଦିବସକୁ ପାଳନ କରିଥିଲେ ।

# ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ ପାଳିତ



ଓଡ଼ାପଡ଼ା, ୨।୪ (ରଞ୍ଜିତ ନାୟକ)

ଖଡ଼ଗପ୍ରସାଦ ଗ୍ରାମରେ ଥିବା ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିହାର ରଞ୍ଜନ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରାହ୍ମଣୀ ସାହିତ୍ୟ ଓ ସଂସ୍କୃତି ମଞ୍ଚର ସଂପାଦକ ଅକ୍ଷୟ ରାଜଲକ୍ଷ୍ମୀ ଯୋଗଦେଇ ଉତ୍ସବର ଅୟମାରମ୍ଭ କରିଥିଲେ । କବୟିତ୍ରୀ ବିପୁଳିନୀ ଜେନା, ଯୁବକବି ଅର୍ଜୁନ କୁମାର ପ୍ରଧାନ ମଞ୍ଚାସିନ ହୋଇ କାର୍ଯ୍ୟକ୍ରମର ଗରିମା ବୃଦ୍ଧି କରିଥିଲେ । ସଭାମଞ୍ଚ ପରିଚାଳନା କରିଥିଲେ ଓଡିଆ ଶିକ୍ଷକ ମଦନମୋହନ ମିଶ୍ର, ଶିକ୍ଷୟିତ୍ରୀ ଗୀତା ପଟ୍ଟନାୟକ, ମାନସୀ ଜେନା । ବରିଷ୍ଠ ଶିକ୍ଷକ ହୃଷିକେଶ ତ୍ରିପାଠୀ ଉକ୍ତ ଦିବସ ପାଳନର ଅଭିମୁଖ୍ୟ ଉପସ୍ଥାପନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଅର୍ଜୁନ କୁମାର ପ୍ରଧାନ ଶିଶୁମାନଙ୍କର କବିତା ପାଠର ପ୍ରଶଂସା କରିଥିଲେ । ଶେଷରେ ଓଡିଆ ଶିକ୍ଷକ ମଦନମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ପରଜଙ୍ଗ, ୨।୪ (ନିତ୍ୟାନନ୍ଦ ଦଳବେହେରା)

**ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ**

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କର୍କିଳି ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ କୁମାର ନାୟକଙ୍କୁ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ନିଲମ୍ବନ କରିଛନ୍ତି ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ । ତେବେ ଗତ ମାର୍ଚ୍ଚ ୨୦ରେ କର୍କିଳି ପଞ୍ଚାୟତର ସରପଞ୍ଚ ମକର ଚାନ୍ଦ ସାହୁ ପଞ୍ଚାୟତରେ ୨ଟି ଆକାଉଣ୍ଟରୁ ବିନା କାର୍ଯ୍ୟରେ ପର୍ଯ୍ୟାୟ କ୍ରମେ ୩୦ ଲକ୍ଷ ଟଙ୍କା ଉଠାଇ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ଯାହାର ପ୍ରମାଣ ମିଳିବା ପରେ ବିଡ଼ିଓ ଥାନାରେ ଅଭିଯୋଗ କରିଥିଲେ ଓ ପୋଲିସ ତାଙ୍କୁ ଗିରଫ କରି ବିଚାର ବିଭାଗୀୟ ଜେଲକୁ ପଠାଇଦେଇଛି । ଉକ୍ତ ଘଟଣାରେ ସେତେବେଳର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ କୁମାର ନାୟକଙ୍କ ସମ୍ପୃକ୍ତି ଥିବା ନେଇ ବିଡ଼ିଓଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଜିଲାପାଳ ଗତ ମାର୍ଚ୍ଚ ୨୯ରେ ନିଲମ୍ବନ କରିଛନ୍ତି । ସେ ବର୍ତ୍ତମାନ କାମାକ୍ଷାନଗର ଉପଖଣ୍ଡ କାର୍ଯ୍ୟାଳୟ ପ୍ରଶାସନ ଅଧୀନରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଘଟଣାରେ ସରପଞ୍ଚଙ୍କୁ ନିଲମ୍ବନ ପାଇଁ ବିଡ଼ିଓ ଚିଠି କରିଛନ୍ତି ଓ ଖୁବଶୀଘ୍ର ସରପଞ୍ଚ ମକର ଚାନ୍ଦ ସାହୁ ପଦ ହରାଇବେ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି ।

# ବ୍ୟାଙ୍କ ମ୍ୟାନେଜରଙ୍କ ଘରୁ ଚୋରି

ରାସୋଲ,୨।୪(ସରୋଜ ମିଶ୍ର)

ଢେଙ୍କାନାଳ ରାସୋଲ ଥାନା କଲିଙ୍ଗା ପଞ୍ଚାୟତ ବଧାନାଳୀଠାରେ ଥିବା ୟୁନିୟନ ବ୍ୟାଙ୍କ ମ୍ୟାନେଜରଙ୍କ ଭଡାଘରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି । ୧ ତାରିଖ ଛୁଟି ଥିବାରୁ ବ୍ୟାଙ୍କ ମ୍ୟାନେଜର ଘରକୁ ଯାଇଥିଲେ । ଘର ତାଲାଭାଙ୍ଗି ଦୁର୍ବୃତ୍ତମାନେ ଏଲ୍‌ଇଡି ଟିଭି, ଗ୍ୟାସ ସିଲିଣ୍ଡର, ଗ୍ରାଇଣ୍ଡର, ଆଇରନ, ଓ୍ୱାଟରଫିଟର, କିଛି ପ୍ୟାଣ୍ଟସାର୍ଟ ଓ ୨ହଜାର ଟଙ୍କା ଚୋରି କରିନେଇଛନ୍ତି । ଏ ସଂକ୍ରାନ୍ତରେ ମ୍ୟାନେଜର ବିକ୍ରମ ପଟ୍ଟନାୟକ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି ।

# କଂଗ୍ରେସର ମହମବତୀ ଶୋଭାଯାତ୍ରା

ଢେଙ୍କାନାଳ,୨।୪(ରତନ ନାୟକ)

ଢେଙ୍କାନାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଗଣେଶ ବଜାର ଗୋପବନ୍ଧୁ ଚାଉକରୁ ରାଜ୍ୟରେ ନାରୀ ନିର୍ଯ୍ୟାତନା ବୃଦ୍ଧି ପ୍ରତିବାଦରେ ଏକ ମହମବତୀ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ସୁଜିତ ଦାଶଙ୍କ ପରାମର୍ଶ ଏବଂ ଉପସଭାପତି ବେଣୁଧର ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସହରସ୍ଥିତ ପ୍ରମୁଖ ବଜାର ପରିକ୍ରମା କରିଥିଲା । ମହିଳା କଂଗ୍ରେସ ସଭାପତି ଏହାର ନେତୃତ୍ୱ ନେଇଥିଲେ । ଡା. ତୁଷାରକାନ୍ତି ନାୟକ, ବରିଷ୍ଠ ନେତ୍ରୀ ଉର୍ମିଳା ଦାସ, ବିପ୍ରଚରଣ ସାହୁ, ପ୍ରେମ ଶଙ୍କର ମିଶ୍ର, ଜିତେନ୍ଦ୍ର ସାହୁ, ସରୋଜ ଶତପଥୀ, ରାଜୀବ ଲୋଚନ ସିଂହଦେଓ, ସ୍ମିତାରାଣୀ ସାମଲ, ଏଆଇସିସି ସଦସ୍ୟା ସମସିଦା ଡାଏନ, ଯୁବ କଂଗ୍ରେସ ସଭାପତି ଶୁଭମ ଦାଶ ପ୍ରମୁଖ କଂଗ୍ରେସ କର୍ମୀଙ୍କ ଉପରେ ଅମାନବୀୟ ଅତ୍ୟାଚାରକୁ ସମାଲୋଚନା କରିଥିଲେ । ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରି ଗ୍ରାମାଞ୍ଚଳରେ ସଚେତନତା କରାଯିବ ବୋଲି ଆଲୋଚନା ହୋଇଥିଲା । ବରିଷ୍ଠ ନେତା ନିଶାକର ସାହୁ, ଫକିର ଚରଣ ବେହେରା, ରୁକ୍ମିଣୀ ବେଗମ, ଅଜିତାନନ୍ଦ ବିହାରୀଙ୍କ ସମେତ ବହୁ ସଂଖ୍ୟାରେ ମହିଳା କର୍ମୀ ଯୋଗ ଦେଇଥିଲେ । କୈଳାସ ସେଠି ଧନ୍ୟବାଦ ପ୍ରଦାନ କରିଥିଲେ ।

କେନାରା ବ୍ୟାଙ୍କ Canara Bank
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ସଂଶୋଧନ ପତ୍ର
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଦିମାଣ୍ଡ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ସୁଶ୍ରି ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟ ନିମନ୍ତେ ବର୍ଣ୍ଣିତ ଶାଖାର ନାମ "ପରଜଙ୍ଗ ଶାଖା" ପରିବର୍ତ୍ତେ "ଗାନ୍ଧୀମା ଶାଖା" ପଢ଼ିବାକୁ ଅନୁରୋଧ । ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC - 19/2024-25
No.A-1250

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
Sd./- Additional Chief Engineer, Central Irrigation Circle
OIPR-32160/11/0023/2425

# ବ୍ଲକସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ଭୁବନ, ୨।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ବୁଧବାର ମୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭୁବନ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅଧ୍ୟକ୍ଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଯୋଜନାକୁ ସଫଳ ରୂପାୟନ ଦେବା ପାଇଁ ଏକ ସଚେତନତା ରଥ ଛାଡ଼ିଥିଲା । ଏହି ସଚେତନତା ରଥ ବ୍ଲକ ଓ ଏନଏସିର ସମସ୍ତ ବିଦ୍ୟାଳୟକୁ ୪ଦିନ ଧରି ବୁଲିବାର ଯୋଜନା



କରାଯାଇଛି । ଏହି ଅବସରରେ ଶିଶୁ ବାଟିକାର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ସ୍ୱାଗତ କରାଯାଇ ଖଡ଼ିଛୁଆଁ କରାଯାଇଥିଲା । ପରେ ପରେ ଏକ ସଚେତନ ସଭାର ଆୟୋଜନ କରାଯାଇଥିଲା । ଜିଲ୍ଲାର ନୂତନ ଶିକ୍ଷା ବ୍ୟବସ୍ଥାରେ ସରକାରଙ୍କ ନୂତନ ଯୋଜନା କରାଯାଇଛି ସେ ସମ୍ପର୍କରେ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଅଜିତେଶ କୁମାର ସାମଲ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ସଂଯୋଜିକା ରାଜଲକ୍ଷ୍ମୀ ଗୁରୁ, ଢେଙ୍କାନାଳ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସଂସ୍ଥାନର ରାଜ, ମୂଆ ଭୁବନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁମିତ୍ରା ପ୍ରଧାନ, ସିଅପି ଭଗବତୀ ଗୁରୁ, ଶିକ୍ଷିତ ବିଦ୍ୟାଧର ନନ୍ଦ ଓ ନଗରପାଳ ଶ୍ରୀ ଶିଭେନ୍ଦୁ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ । ସମସ୍ତ ବିଦ୍ୟାଳୟରେ ସଚେତନ ରଥକୁ ସ୍ୱାଗତ କରାଯାଇଥିଲା ।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ଢକାଇସାହି ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କୁ ଉକ୍ତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଉପର ବର୍ଣ୍ଣିତ ଆକ୍ଟର ଧାରା ୧୩(୪) ସହିତ ଉକ୍ତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ଦଖଲ କରିନେଇଛନ୍ତି । ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ୟୁକୋ ବ୍ୟାଙ୍କ, ଢକାଇସାହି ଶାଖା ନିକଟରେ ବକେୟା ଦେୟ ସହିତ ସେଥିରେ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ ।

| ଢକାଇସାହି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟରଦାତା: ରୋଶିଦା ବେଗମ, ... | ଟ.୧୨,୨୦,୫୨୪.୪୩ + ଦେୟ ଓ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅବିଭକ୍ତ ଅଂଶ ... |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

DSPL-10

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର

## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ପ୍ରଶାନ୍ତ ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ**
ବିଧାୟକ, ଜଟଣୀ

### ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

- ବରୁଣ ବେଭରେଜେସ ଲିମିଟେଡ୍
  ମଲିପଡା, ଖୋର୍ଦ୍ଧା
- ଟ୍ରାଇମେଟ୍ରୋ ଗାରମେଣ୍ଟ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏପିକ ଗ୍ରୁପ କମ୍ପନୀ)
  କାଳିବେତୀ, ଖୋର୍ଦ୍ଧା
- ନେସ୍‌ଲେ ଇଣ୍ଡିଆ ଲିମିଟେଡ୍
  ମୁଣ୍ଡାଆମ୍ବ, ଖୋର୍ଦ୍ଧା
- ଦୀନଦୟାଲ କର୍ମଚାରୀ ଆବାସ ଯୋଜନା ଅନ୍ତର୍ଗତ ଶ୍ରମିକ ଆବାସ ଗୃହ
  କାଳିବେତୀ, ଖୋର୍ଦ୍ଧା
- ମିନୁ କ୍ରିଏସନ୍ ଏଲ୍ ଏଲ୍ ପି
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଗୋଲ୍ଡେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ସୋନୁ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ପୂଜା ଇଣ୍ଟରନ୍ୟାସନାଲ
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ରେନ୍‌ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରୀ ପ୍ରାଇଭେଟ୍ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ଶାଲିମାର ଗ୍ଲାସ୍ ୱାର୍କ୍ସ ପ୍ରାଇଭେଟ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଆଇ ଏଫ୍ ଜି ଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍
  ଖଜୁରିଆ, ଖୋର୍ଦ୍ଧା

OIPR-14005/13/0050/2425

**୩ ଅପ୍ରେଲ ୨୦୨୫ (ଗୁରୁବାର) । ଦିବା ୧୦ ଘଟିକା । ଖୋର୍ଦ୍ଧା, ଓଡ଼ିଶା**

ଶିଳ୍ପ ବିଭାଗ, ଓଡ଼ିଶା ସରକାର

# ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ବର୍ନ ୟୁନିଟ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୬ ଶଯ୍ୟା ବିଶିଷ୍ଟ ବର୍ନ ୟୁନିଟ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଦ୍ୱାରା ପ୍ରଦାନ କରାଯିବ। ବିଶେଷ କରି ପୋଡ଼ିହୋଇଯାଇଥିବା ଅନେକ ଗୁରୁତର ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ। ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ବର୍ନ ୟୁନିଟ୍ ଗମ୍ଭୀର ଭାବେ ଆଘାତ ହୋଇଥିବା ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ପାଇଁ ସମର୍ପିତ ରହିଛି। ଏଥିରେ ଜରୁରିକାଳୀନ ଚିକିତ୍ସା, ସର୍ଜରି, ଆଇସିୟୁ ଏବଂ ପୁନର୍ବାସନ ସେବା ଯୋଗାଇ ଦିଆଯାଉଛି। ରୋଗୀଙ୍କ ଭଲ ଭାବେ ଚିକିତ୍ସା କରିବା ପାଇଁ ଏହି ବର୍ନ ୟୁନିଟ୍‌ରେ ବ୍ୟକ୍ତିଗତ ଆଇସୋଲେଶନ ୱାର୍ଡ ସୃଷ୍ଟି କରାଯାଇଛି, ଯାହାକି ସଂକ୍ରମଣ ହେବା ସମ୍ଭାବନାକୁ କମ୍ କରିଥାଏ।



ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମଧୁର ଗୋପାଲ , କ୍ଲଷ୍ଟର ଡାଇରେକ୍ଟର ସୁଧାକର କାନ୍ତିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ବିଶ୍ୱଜିତ ମିଶ୍ର ଏବଂ ଡାକ୍ତର କୀର୍ତ୍ତିକେତନ ପ୍ରଧାନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି , ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବର୍ନ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ହସ୍ପିଟାଲରେ ବର୍ନ ୟୁନିଟ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର। ଏହା ଫଳରେ ଆମେ ସମସ୍ତ ପ୍ରକାର ବର୍ନ ସମସ୍ୟାର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ବର୍ନ ୟୁନିଟ୍‌ର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏକ ସୌଜନ୍ୟମୂଳକ ସାକ୍ଷାତ ସହ ପୁଷ୍ପ ଗୁଚ୍ଛଦେଇ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଉଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ରୱାଲ ମାଝୀଙ୍କ ସହ ଓଡ଼ିଶାର ନିବେଶ ଓ କମ୍ପାନୀର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨।୪

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯୩ (୫୯୨.୯୩) ପଏଣ୍ଟ ବୃଦ୍ଧି ଘଟି ୭୬,୬୧୭ (୭୬,୬୧୭.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୭ (୧୬୬.୬୫) ପଏଣ୍ଟ ବଢ଼ି ୨୩,୩୩୨ (୨୩,୩୩୨.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ବଜାର ଚାହିଦାକୁ ଦେଖି ବ୍ୟବସାୟ କରିବା ଉଚିତ

କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଏସେନ୍ ହିରୋର ନିର୍ଦ୍ଦେଶକ ପ୍ରଦୀପ କୁମାର ଥାକରଙ୍କ ଜନ୍ମ। ସେଠାରେ ସ୍କୁଲ ପଢ଼ା ସାରିବା ପରେ ଭୁବନେଶ୍ୱର ବିଜେବି କଲେଜରୁ ବାଣିଜ୍ୟରେ ସମ୍ମାନ ସହ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାନ୍ସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମାତ୍ର ସେ ଚାକିରିରେ ବାନ୍ଧି ହୋଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ। ଖଣି ବ୍ୟବସାୟ, ରିୟଲ ଇଷ୍ଟେଟ୍ ଓ ଅଟୋମୋବାଇଲ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ ଥାକରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...



ପ୍ରଦୀପ କୁମାର ଥାକର

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ଚାକିରି ଜୀବନରୁ ବ୍ୟବସାୟିକ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ଦିଲ୍ଲୀଠାରେ ମୋଦି ଜେରକ୍ସ କମ୍ପାନୀରେ ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି। ମାତ୍ର ବ୍ୟବସାୟ ପ୍ରତି ମୋର ବେଶ୍ ରୁଚି ଥିଲା। ବଡ଼ବିଲରେ ମୋ ବାପାଙ୍କ ଖଣି ବ୍ୟବସାୟ ଥିଲା। ତେଣୁ ବାପାଙ୍କ ପ୍ରେରଣାରେ ମୁଁ ପାରିବାରିକ ବ୍ୟବସାୟରେ ଯୋଗଦେଲି। ପୂର୍ବରୁ ମୋର ୨ ବଡ଼ଭାଇ ମଧ୍ୟ ଖଣି ଖନନ କାର୍ଯ୍ୟରେ ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ମୁଁ ବ୍ୟବସାୟକୁ ଆଉ ଟିକେ ମେକାନାଇଜ କରି ବଡ଼ ବଡ଼ ଯନ୍ତ୍ର ଲଗାଇ ଅଭିବୃଦ୍ଧି କରାଇଲି। ୧୯୯୭ ମସିହାରେ ଦାମୀ ଖଣିଖୋଳା ମେଶିନ କୋମାତ୍ସୁ ବଡ଼ବିଲ ଓ କେନ୍ଦୁଝରରେ ବିକ୍ରୟ ଆରମ୍ଭ କଲି। କେନ୍ଦୁଝର ଜିଲ୍ଲା ଖଣି ପରିବ୍ୟାପ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଏହି ମେଶିନର ବିକ୍ରୟ ଓ ସେବା ବେଶ୍ ଭଲ ଚାଲିଲା।

**ପ୍ର- ଖଣି ବ୍ୟବସାୟ ଥିବା ସତ୍ତ୍ୱେ ରିୟଲ ଇଷ୍ଟେଟ୍‌କୁ ବାଛିଲେ କାହିଁକି?**

ଉ- ୨୦୦୩ରେ ବଡ଼ବିଲଠାରେ ଖଣି ବ୍ୟବସାୟ ସହ ସମ୍ପୃକ୍ତ ଓ ଖନନରେ ଯୋଡ଼ି ହୋଇଥିବା ବହୁ ଲୋକ କାର୍ଯ୍ୟରତ ଥାଆନ୍ତି। ମାତ୍ର ଏଠାରେ ବସବାସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ଏହାର ଆବଶ୍ୟକତାକୁ ମୁଁ ଉପଲବ୍ଧି କରି ପ୍ରଥମେ ବଡ଼ବିଲଠାରେ ଏସେନ୍ କନ୍‌ଷ୍ଟ୍ରକ୍ସନ୍ ଆରମ୍ଭ କଲି। ଏହି ପ୍ରକଳ୍ପରେ ୪ଟି ବ୍ଲକରେ ୧୦୦ଟି ଫ୍ଲାଟର ଯୋଜନା ରହିଥିଲା। ସେତେବେଳେ ଫ୍ଲାଟର ଚାହିଦା ଭଲ ଥିବା ହେତୁ ମୁଁ ସଫଳ ହେଲି ଓ ଏହି ଅଭିଜ୍ଞତାକୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଲାଇଫ୍ ଷ୍ଟାଇଲ ଇନ୍‌ଫୋସିଟି ଗ୍ରୀନ୍ ନାମରେ ଆଉ ଏକ ପ୍ରକଳ୍ପ ଆରମ୍ଭ କଲି।

**ପ୍ର- ବର୍ତ୍ତମାନ ରିଅଲ୍ ଇଷ୍ଟେଟ ବ୍ୟବସାୟରେ ଉନ୍ନତି କିପରି ଦେଖୁଛନ୍ତି?**

ଉ- ରିଅଲ ଇଷ୍ଟେଟ୍ ବ୍ୟବସାୟରେ ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବଡବିଲ, ଝାରସୁଗୁଡ଼ା ଓ ବରଗଡ଼ ଆଦି ଅଞ୍ଚଳରେ ଆମେ ୪୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଛୁ। ଏଥିରେ ପ୍ରାୟତଃ ୨୦୦୦ରୁ ଅଧିକ ଫ୍ଲାଟ୍ ଆମେ ବିକ୍ରି କରିପାରିଛୁ। ପରେ ଖୁସି ରିୟଲକନ୍ ପ୍ରାଇଭେଟ ଲିମିଟେଡ୍ ଆରମ୍ଭ କରି ବଡ଼ ପ୍ରକଳ୍ପକୁ ନିର୍ମାଣ କରିବାରେ ନିଷ୍ପତ୍ତି ନେବାକୁ ହେଲା।

**ପ୍ର- ଦୁଇ ଦୁଇଟି କ୍ଷେତ୍ରରେ ସଫଳ ହେବା ପରେ ଅଟୋ ମୋବାଇଲ ବ୍ୟବସାୟ କଥା କିପରି ଚିନ୍ତା କଲେ?**

ଉ- ପୂର୍ବରୁ ଅଟୋମୋବାଇଲର ଅଭିଜ୍ଞତା ଥିଲା। ଉତ୍ତର ପିଢ଼ିକୁ ନୂଆ ଦିଗ ଦେଖାଇବା ପାଇଁ ଏସେନ୍ ଅଟୋ ମୋବାଇଲ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ ପାଇଁ ଚିନ୍ତା କରିଥିଲୁ। ଓଡ଼ିଶାରେ ୨ ଚକିଆଯାନର ବହୁଳ ବ୍ୟବହାର ରହିଛି। ଏଥିରେ ମୋର ବଡ଼ ପୁତୁରା ସୌରଭ ଥାକର୍ ମୁଖ୍ୟ ଭୂମିକା ନେଇ ସବୁ ଦେଖାଶୁଣା କରୁଛନ୍ତି। ସେ ମୋଠାରୁ କେବଳ ଆର୍ଥିକ କ୍ଷେତ୍ରରେ ପରାମର୍ଶ ନେଇଥାନ୍ତି। କଟକର ଶିଖରପୁର ଓ ପୁରୀ ଘାଟସ୍ଥିତ ହିରୋ ମୋଟୋ କର୍ପ ଆମନ୍ତ୍ରଣ କ୍ରମେ ହିରୋ ପ୍ରିମିୟା- ଶୋରୁମ ଖୋଲିବାର ନିଷ୍ପତ୍ତି ନେଲୁ। ଏଥିରେ ୧୫୦ ସିସିରୁ ୬୫୦ ସିସି ପର୍ଯ୍ୟନ୍ତ ପ୍ରିମିୟମ୍ ଯାନ ପ୍ରତି ବିଶେଷ ଧ୍ୟାନ ଦେଲୁ। ଗୋଟିଏ ସ୍ଥାନରେ ଯୁବବର୍ଗ ଏବଂ ବାଇକ୍ ଲଭରଙ୍କ ଆଶା ପୂରଣ କରିବାରେ ସଫଳ ହୋଇପାରିଛୁ।

**ପ୍ର- ବ୍ୟବସାୟିକ ସଫଳତା କେତେ ସନ୍ତୋଷ ପ୍ରଦାନ କରିଥାଏ? ଆଗାମୀ ଦିନରେ ବ୍ୟବସାୟ ବଢ଼ାଇବାର ଯୋଜନା ରହିଛି କି?**

ଉ- ବ୍ୟବସାୟରେ ଏକ ଛୋଟ ଆରମ୍ଭରୁ ନେଇ ୨୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନର ଯାତ୍ରା ଖୁବ୍ ସନ୍ତୋଷଜନକ ରହିଛି। ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ଆମ ସହ ଯେବେଠାରୁ ଯୋଡ଼ି ହୋଇଛନ୍ତି ସେବେଠାରୁ ଛାଡ଼ିଯିବାକୁ ଚାହାନ୍ତି ନାହିଁ। ଆମେ ଉଚ୍ଚଶିକ୍ଷିତ କିମ୍ବା କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ଉପରେ ବିଶ୍ୱାସ ରଖୁନା ବରଂ ଆମ କମ୍ପାନୀରେ ନିଯୁକ୍ତ ହେଉଥିବା କର୍ମଚାରୀଙ୍କୁ ଶିକ୍ଷିତ ଓ ଦକ୍ଷ କରିବା ପାଇଁ ସମୟ ଓ ସୁଯୋଗ ପ୍ରଦାନ କରିଥାଉ। ବ୍ୟବସାୟରେ କେତେ ଲାଭବାନ ହେଲୁ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆମ କମ୍ପାନୀର କେତେ ଲୋକ ଉତ୍ତମ ଜୀବନଯାପନ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଆମେ ଓଡ଼ିଶା ସହିତ ଅନ୍ୟ ରାଜ୍ୟରେ ୨ ଚକିଆ ଓ ୪ ଚକିଆ ଯାନର ଡିଲରଶିପ୍ ସ୍ଥାପନ କରିବୁ। ଏହା ବ୍ୟତୀତ ଅନ୍ୟାନ୍ୟ ଜିଲାର ସଦର ମହକୁମାରେ ହାଉସିଂ ପ୍ରୋଜେକ୍ଟ କରିବାର ଲକ୍ଷ୍ୟ ରହିଛି।

**ପ୍ର- ନୂତନ ଯୁବପିଢ଼ି ପାଇଁ ଆପଣଙ୍କ ସନ୍ଦେଶ କ'ଣ ରହିବ?**

ଉ- ଶୃଙ୍ଖଳିତ କାମ କଲେ ସଫଳତା ନିଶ୍ଚିତ। ନିରବଚ୍ଛିନ୍ନ ପରିଶ୍ରମ ବଜାର ଚାହିଦାକୁ ଆଖି ଆଗରେ ରଖି ବ୍ୟବସାୟ କଲେ, ସଫଳତା ବାଟ କଢ଼ାଇ ନେବ।

ସାକ୍ଷାତ୍‌କାର - **ପ୍ରଦୀପ୍ତ ରଥ**, କଟକ

# ଟାଟା ଷ୍ଟିଲ୍‌ର ଏଫ୍‌ଏଏମ୍‌ଡି ପୁରସ୍କୃତ

ଭୁବନେଶ୍ୱର,୨।୪

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ନିକଟରେ ବେଷ୍ଟ ଇଣ୍ଟିଗ୍ରେଟେଡ୍ ୱାଟର ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଶ୍ରେଷ୍ଠ ସମନ୍ୱିତ ଜଳ ପରିଚାଳନା ପ୍ରକଳ୍ପ) ପାଇଁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାଟର ଡାଇଜେଷ୍ଟ ୱାର୍ଲ୍ଡ ୱାଟର ଆୱାର୍ଡସ- ୨୦୨୫ରେ ଏଫ୍‌ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଟାଟା ଷ୍ଟିଲ୍‌କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ପ୍ରକଳ୍ପ, ପ୍ରଯୁକ୍ତି ଓ ଇନ୍ଫ୍ରାଭମେଣ୍ଟ ମୁଖ୍ୟ ନତାଶା ଝା କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଭାରତର ପ୍ରିମିୟର ଜଳ ପତ୍ରିକା 'ୱାଟର ଡାଇଜେଷ୍ଟ' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଏବଂ କାର୍ଯ୍ୟକ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ସ୍ୱୀକୃତି ଦିଆଯିବା ସହ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜଳଯୋଦ୍ଧା ଓ ସେମାନଙ୍କ ସଫଳତାକୁ ସେଲିବ୍ରେଟ କରିବା ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏ ନେଇ ଟାଟା ଷ୍ଟିଲ୍(ଏଫ୍‌ଏଏମ୍‌ଡି)ର ଏକ୍ସିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଭାରତ ହେଉଛି ଜଳାଭାବର ଏକ ଦେଶ ଏବଂ କୃଷି, ଗୋଷ୍ଠୀ ଓ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଏହି ନିଅଣ୍ଟ ସମ୍ବଳ ପାଇବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜଳ ଉପଯୋଗିତା କମ୍ କରିବା ଲାଗି ଆମେ ଆମ ତରଫରୁ ଉଦ୍ୟମ କରୁଛୁ। ଏହି ଯାତ୍ରାରେ ଅଭିନବ ଡିଜିଟାଲ ସମାଧାନ ଗ୍ରହଣ କରିବା ଦିଗରେ ଆମ ପ୍ରତିବଦ୍ଧତା ଓ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ବହୁତ ଖୁସି ଅଛୁ।

# କିଟ୍, ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)

ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ତଥା କେଲେନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେୱେଇକ୍ରେମା ଲିଆନାଗେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ ଓ ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭର୍ସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଓ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଜେନିଥା ଆବେୱେଇକ୍ରେମା ଲିଆନାଗେ।

# ୫ଜି ଡାଉନ୍‌ଲୋଡ୍ ସ୍ପିଡ୍‌ରେ ଜିଓ ଦ୍ରୁତତମ

ମୁମ୍ବାଇ,୨।୪

୫ ଜି ଡାଉନ୍‌ଲୋଡ୍ ସ୍ପିଡ୍ ଦୌଡ଼ରେ ରିଲାଏନ୍ସ ଜିଓ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି ବୋଲି ଓକଲା ପକ୍ଷରୁ କୁହାଯାଇଛି। ଏପରିକି ଓକଲା ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୨୫୮.୫୪ ଏମ୍‌ବିପିଏସ୍ ରେକର୍ଡ କରାଯାଇଛି। ଏୟାରଟେଲ୍ ୨୦୫.୧ ଏମ୍‌ବିପିଏସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଓକଲା ୨୦୨୪ ଜୁଲାଇ ଏବଂ ଡିସେମ୍ବର ମଧ୍ୟରେ ସାରା ଦେଶରୁ ଏହି ତଥ୍ୟ ସଂଗ୍ରହ କରିଥିଲା। ରିଲାଏନ୍ସ ଜିଓ ୫ଜି ସହିତ ସାମଗ୍ରିକ ଭାବରେ ମଧ୍ୟ ଦ୍ରୁତତମ ମୋବାଇଲ୍ ନେଟୱର୍କର ଆଖ୍ୟା ମଧ୍ୟ ହାସଲ କରିଛି। ଜିଓ ଭାରତରେ ସବୁଠାରୁ ଦ୍ରୁତ ମୋବାଇଲ ସ୍ପିଡ୍ ନେଟୱର୍କ ପ୍ରଦାନକାରୀ ଅପରେଟର ଭାବରେ ଉଭା ହୋଇଛି। ଜିଓର ସାମଗ୍ରିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୫୮.୬୩ ଏମବିପିଏସ ରହିଥିବା ବେଳେ ଏୟାରଟେଲର ସ୍ପିଡ୍ ଜିଓର ଦୁଇତୃତୀୟାଂଶ ଅର୍ଥାତ୍ ପ୍ରାୟ ୧୦୦.୬୭ ଏମ୍‌ବିପିଏସ୍ ବୋଲି ମାପ କରାଯାଇଛି। ଭୋଡାଫୋନ୍ ଆଇଡିଆ ୨୧.୬ ଏମବିପିଏସ ସହିତ ତୃତୀୟ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ, ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଥିଲା, ଅର୍ଥାତ୍, ଜିଓ ନେଟୱର୍କ ସର୍ବାଧିକ ସ୍ଥାନରେ ଉପଲବ୍ଧ ରହିଛି। ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ଜିଓର ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟୱର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ୍ ଅଧିକ। ମୋବାଇଲ କଭରେଜ୍ ଦୃଷ୍ଟିରୁ, ଜିଓ ୬୫.୬୬ କଭରେଜ୍ ସ୍କୋର ସହିତ ପ୍ରଥମ ସ୍ଥାନରେ ଥିଲା ବେଳେ ଏୟାରଟେଲ୍ ୫୮.୧୭ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ରିଲାଏନ୍ସ ଜିଓ ଦ୍ରୁତତମ ମୋବାଇଲ ନେଟୱର୍କ ଏବଂ ଉନ୍ନତ ମୋବାଇଲ କଭରେଜ୍ ଉଭୟରେ ପ୍ରଥମ ସ୍ଥାନ ହାସଲ କରିଛି।

# ପାରାଦୀପ ବନ୍ଦର ଲଗାତର ଦ୍ୱିତୀୟ ଥର ନମ୍ବର-୧



ପାରାଦୀପ, ୨।୪(ଶରତ ରାଉତ)

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପ ଲଗାତର ଦ୍ୱିତୀୟ ବର୍ଷ ପାଇଁ ନମ୍ବର-୧ ସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ସମୁଦାୟ ୧୫୦.୪୧ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକଟନ୍) ପଣ୍ୟ କାରବାର କରିଛି। ଯାହା ପୂର୍ବବର୍ଷ ତୁଳନାରେ ୭.୬୫% ଅଭିବୃଦ୍ଧି ବୋଲି କୁହାଯାଇଛି। ଏହି ଅବସରରେ ବୁଧବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି କେକ୍ କାଟି ଉତ୍ସବ ପାଳନ କରିଥିଲେ। ପରେ ଖବରଦାତାମାନଙ୍କୁ ପଣ୍ୟ କାରବାର ସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ବିଶ୍ୱରେ ଲୁହାପଥର ଓ କୋକିଂ କୋଇଲା କାରବାର ନୈରାଶ୍ୟ ଜନକ ଥିବାବେଳେ ପାରାଦୀପ ବନ୍ଦର ସେଥିରେ ବିଶେଷ ପ୍ରଭାବ ପଡିନାହିଁ। ଏହାସତ୍ତ୍ୱେ ପଣ୍ୟ କାରବାର ଅଭିବୃଦ୍ଧି ହୋଇଛି ଏବଂ ଲଗାତର ଦ୍ୱିତୀୟ ଥର ପାଇଁ ଦେଶର ପ୍ରଥମ ସ୍ଥାନ ହାସଲ କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୪୫.୦୩ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଚଳିତବର୍ଷ କେତେକ ବ୍ୟବସ୍ଥାରେ ଉନ୍ନତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସମୁଦାୟ ପଣ୍ୟ କାରବାର ମଧ୍ୟରେ କେବଳ କୋଷ୍ଟାଲ ପରିବହନ ୪୨.୩୬ ଏମ୍‌ଏମ୍‌ଟି ରହିଛି। କଣ୍ଟେନର କାର୍ଗୋ କାରବାର ୧୧୧ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରେଲୱେ କାରବାର କ୍ଷେତ୍ରରେ ୫.୩୨% ବୃଦ୍ଧି ପାଇଛି। ସମୁଦାୟ ୨୨,୮୧୮ରେଳ ପଣ୍ୟ ନେବା ଆଣିବା କରିଛି। ବର୍ଥ କ୍ଷେତ୍ରରେ ଦୈନିକ ୩୪,୨୮୩ ମେଟ୍ରିକଟନ୍ ପଣ୍ୟ କାରବାର ହୋଇଛି। ଆଗକୁ କାରବାର ବୃଦ୍ଧି ପାଇଁ ୱେଷ୍ଟର୍ଣ୍ଣ ଡକ୍ କାର୍ଯ୍ୟ ଚାଲିଛି। ଏହା ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ କରାଯାଇଛି।

# ମୁମ୍ବାଇରେ କେଭିଆଇସିର ମେଗା ଡିଷ୍ଟ୍ରିବ୍ୟୁଶନ

ମୁମ୍ବାଇ,୨।୪ (ଅଭୟ ଦାଶ)

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ ବା କେଭିଆଇସି)ର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ 'ମେଗା ଡିଷ୍ଟ୍ରିବ୍ୟୁଶନ' କାର୍ଯ୍ୟକ୍ରମର ଆୟୋଜନ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୧୭,୩୭୭ ମେଶିନ, ଟୁଲ୍‌କିଟ୍ ଏବଂ ଉପକରଣ ଆଦି ବିଭିନ୍ନ ବର୍ଗଙ୍କୁ ବଣ୍ଟନ କରାଯାଇଥିଲା। ବିଶେଷକରି ୧୭,୩୭୭ଟି ଟୁଲ୍‌କିଟ୍ ଏବଂ ଉପକରଣ ବଣ୍ଟନ କରାଯାଇଥିଲା। ସେଥିରେ ୩,୯୫୦ ମହୁମାଛି ବାକ୍ସ, ୭,୦୬୭ ବୈଦ୍ୟୁତିକ କୁମ୍ଭାରଚକ, ୧,୩୫୦ ଚମଡ଼ା ଉତ୍ପାଦନ ମରାମତି ଟୁଲ୍‌କିଟ୍, ୩୯୦ ଚମଡା ଚପଲ ତିଆରି ଉପକରଣ, ୪୨୦ ଇଲେକ୍ଟ୍ରିସିଆନ୍ ଟୁଲ୍‌କିଟ୍, ୮୦ ଏସି ମରାମତି ଟୁଲ୍‌କିଟ୍, ୩୦୦ ପ୍ଲମ୍ବର ଟୁଲ୍‌କିଟ୍, ୬୦ ମୋବାଇଲ ମରାମତି ଟୁଲ୍‌କିଟ୍, ୯୬୧ ସିଲେଇ ମେଶିନ, ୨୭୮ ହାତ ତିଆରି କାଗଜ ତିଆରି ମେଶିନ, ୩୪୯ ସ୍ୱୟଂଚାଳିତ ଅଗରବତି ତିଆରି ମେଶିନ, ୬୦ ପେଡାଲଚାଳିତ ଅଗରବତି ତିଆରି ମେଶିନ, ୩୨୦ ଟର୍ନଉଡ ମେଶିନ, ୧୮୦ କାଠ ଖେଳଣା ତିଆରି ମେଶିନ, ୪୬୦ ଅଦରକାରୀ କାଠ କାରୁକାର୍ଯ୍ୟ ମେଶିନ ଏବଂ ୨୯୨ କୃଷିଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ମେଶିନ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ମନୋଜ କୁମାର କହିଥିଲେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଏ ପର୍ଯ୍ୟନ୍ତ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୧୦ ଖଦି ପ୍ରତିଷ୍ଠାନକୁ ସଂଶୋଧିତ ବଜାର ବିକାଶ ସହାୟତା (ଏମ୍‌ଏମ୍‌ଡିଏ) ଅଧୀନରେ ୨୧୫ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛି, ଯାହା ଦ୍ୱାରା ୧,୪୭,୨୪୭ କାରିଗର ଉପକୃତ ହୋଇଛନ୍ତି। ଏହା ବ୍ୟତୀତ ଆଇଏସ୍‌ଇସି କାର୍ଯ୍ୟକ୍ରମ ମାଧ୍ୟମରେ ୧୧୫୩ଖଦିପ୍ରତିଷ୍ଠାନକୁ୪୦କୋଟିଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରାଯାଇଛି । ୩୮୧୭ କାରିଗରଙ୍କୁ ଉପକୃତ କରୁଥିବା ଖଦି ପ୍ରତିଷ୍ଠାନକୁ ୩୨.୭୩ କୋଟି ଟଙ୍କାର ଅତିରିକ୍ତ ଏମ୍‌ଏମ୍‌ଡିଏ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳର ସଦସ୍ୟ ନାଗେନ୍ଦ୍ର ରଘୁବଂଶୀ, ପୂର୍ବାଞ୍ଚଳର ସଦସ୍ୟ ମନୋଜ କୁମାର ସିଂହ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିପୁଲ ଗୋୟଲ, ବିଭାଗୀୟ ଅର୍ଥନୈତିକ ପରାମର୍ଶଦାତା ସିମି ଚୌଧୁରୀ ଏବଂ କେଭିଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଦେଶବ୍ୟାପୀ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କେଭିଆଇସିର ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସମେତ ଅଧ୍ୟକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଧାୟକ ପ୍ରଶାନ୍ତଙ୍କ ଭାଷଣକୁ ନେଇ ହୋହଲ୍ଲା

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନବେଳେ ମଞ୍ଚରେ ରୋଚକ ଦୃଶ୍ୟ**

**ପୂର୍ବ ସରକାର, ପ୍ରଶାନ୍ତଙ୍କୁ ଟାର୍ଗେଟ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ**

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲ୍ଲା ସତ୍ୟଭାମାପୁରଠାରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟକ୍ରମବେଳେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ମଞ୍ଚ ଉପରେ ନିଜ ଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବାରୁ ମଞ୍ଚ ତଳେ ଥିବା ଲୋକେ ଏବଂ ଭାଜପା କର୍ମୀ ହୋହଲ୍ଲା କରିଥିଲେ। ପରେ ସେହି ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାୟକଙ୍କ କଥାକୁ କାଉଣ୍ଟର କରିଥିଲେ। ସେ କହିଥିଲେ, ଏହା ରାଜନୈତିକ ମଞ୍ଚ ନୁହେଁ। ଏହି ମଞ୍ଚରେ କେଉଁ ସରକାର କେଉଁ ସମୟରେ କ'ଣ କାମ କରିଥିଲା, ତାହା କହିବା ଉପଯୁକ୍ତ ସମୟ ନୁହେଁ। ଏହି ମଞ୍ଚ ଓଡ଼ିଆଙ୍କ ସ୍ୱାଭିମାନ, ଓଡ଼ିଆଙ୍କ ଭାବନାକୁ ପ୍ରଦର୍ଶନ କରିବାର ମଞ୍ଚ। ଓଡ଼ିଶା ଦିବସରେ ପ୍ରତ୍ୟେକ ଓଡ଼ିଆ ରାଜ୍ୟର ଉନ୍ନତି ପାଇଁ କାମ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମସ୍ତେ ଏକଜୁଟ୍ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସୁରଜ କହିଥିଲେ।


ତାମିଲନାଡୁର ମଦୁରାଇରେ ବୁଧବାର ସିପିଆଇ-ଏମର ୨୪ତମ ପାର୍ଟି କଂଗ୍ରେସରେ କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଆଇ-ଏମ ନେତା ପିନାରାଇ ବିଜୟନ, ଦଳର ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ, ସିପିଆଇ-ଏମ୍ ପଲିଟିବ୍ୟୁରୋ ସଦସ୍ୟ ବିମାନ ବୋଷ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଅଛନ୍ତି।

# ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା: ପ୍ରକାଶ କରାଟ

ଚେନ୍ନାଇ: ୨।୪

ତାମିଲନାଡୁର ମଦୁରାଇରେ ଚାଲିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୨୪ତମ କଂଗ୍ରେସ ପ୍ରତିକ୍ରିୟାଶୀଳ ଶକ୍ତିକୁ ପଛକୁ ଠେଲିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଶକ୍ତିକୁ ଏକତ୍ରିତ ହେବାକୁ ସିପିଆଇ(ଏମ୍) ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ ଆହ୍ୱାନ ଦେଇଛନ୍ତି। ଆସନ୍ତୁ ଆମେ ଏକ ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା। ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ଧାରାରେ ଲୋକଙ୍କୁ ଗଣତନ୍ତ୍ର ଏବଂ ସମାଜବାଦ ଆଡ଼କୁ ନେଇଯିବା ବୋଲି ସେ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କରାଟ ଏଭଳି କହିଛନ୍ତି।

# ବିଧାନସଭାରେ କୋଶଳ ତାତି

**■ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ମିଳୁ**

**■ଶାସକ, ବିରୋଧୀଙ୍କ ଏକମତ**

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି ନେଇ ବୁଧବାର ବିଧାନସଭାରେ ତାତି ଜୋର୍ ଧରିଛି। କିଛିଦିନ ପୂର୍ବରୁ ଭାଜପାର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ଦେଇ ସାରା ରାଜ୍ୟରେ ଚର୍ଚ୍ଚାର ପରିଧି ଭିତରକୁ ଆସିଥିବାବେଳେ ବୁଧବାର ଗୃହ ଭିତରେ ବିରୋଧୀ ଓ ବାହାରେ ଶାସକ ଦଳ ସଭ୍ୟ ଏହି ସ୍ୱରକୁ ଶାଣିତ କରିଛନ୍ତି।

ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଭାଷା ହେଉଛି ଗୋଟିଏ ଅଞ୍ଚଳର ଆତ୍ମା। ଭାଷାକୁ ଛାଡ଼ି କୌଣସି ଅଞ୍ଚଳ ବଞ୍ଚିପାରିବ ନାହିଁ। ତେବେ ଗତ ମଙ୍ଗଳବାର ରାଜ୍ୟବ୍ୟାପୀ ଓଡ଼ିଶା ତଥା ଉତ୍କଳ ଦିବସ ମହାସମାରୋହରେ ପାଳିତ ହେଲା। ଯେଉଁ ସଂକଳ୍ପ ନେଇ ଓଡ଼ିଶା ଦିବସ ପାଳନ କରାଯାଉଛି ତାହା ସାର୍ଥକ ହେଉନାହିଁ। ରାଜ୍ୟର ୧୧ ଜିଲାର ଦେଢ଼କୋଟି ଲୋକ କୋଶଳୀ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଅନେକ ବର୍ଷ ହେବ ଏହି ଭାଷାକୁ ଅନ୍ୟତମ ରାଜ୍ୟ ଭାଷା ଭାବେ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏହାକୁ ସ୍ୱୀକୃତି ପ୍ରଦାନ କରନ୍ତୁ। ଏହି ଭାଷାରେ ରାମାୟଣ, ମହାଭାରତ, ହଜାର ହଜାର କବିତା ଓ କ୍ଷୁଦ୍ରଗଳ୍ପ ଲେଖାହୋଇଛି। ଏହି ଭାଷାର ନିଜସ୍ୱ ଅଭିଧାନ ମଧ୍ୟ ରହିଛି। ଏହି ଅଭିଧାନର ରଚୟିତା ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ହେଉଛି। ପଦ୍ମଶ୍ରୀ ହଳଧର ନାଗ କୋଶଳୀ ଭାଷାରେ ବହୁ ଗ୍ରନ୍ଥ ରଚନା କରିଛନ୍ତି। ସମ୍ବଲପୁରୀ ସଙ୍ଗୀତ 'ରଙ୍ଗବତୀ' ଗୀତ ସାରା ଭାରତରେ ଚର୍ଚ୍ଚିତ। ଦିଲ୍ଲୀରେ ଯେତେବେଳେ ସଙ୍ଗୀତ କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତ ବାଜେ ସମସ୍ତେ ଝୁମନ୍ତି। ସଂସଦରେ ମଧ୍ୟ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ତଥା ତତ୍କାଳୀନ ଏମ୍‌ପି ସୁରେଶ ପୂଜାରୀ ଏବଂ ମୁଁ ଏହି ପ୍ରସଙ୍ଗ ଉଠାଇ ଦାବି ରଖିଥିଲୁ ବୋଲି ପ୍ରସନ୍ନ କହିଛନ୍ତି।



ଏଥିସହ ସେ କହିଛନ୍ତି, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୋଶଳୀ ଭାଷାକୁ ସ୍ଥାନିତ କରାଯାଉ। ସମ୍ବିଧାନର ନିୟମ ଅନୁଯାୟୀ, ରାଜ୍ୟ ସରକାର ଚାହିଁଲେ ଆଉ ଏକ ଭାଷାକୁ ମଧ୍ୟ ରାଜ୍ୟ ଭାଷାର ମାନ୍ୟତା ଦେଇପାରିବେ, ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ଅଛି। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ଆଉଥରେ ପ୍ରସ୍ତାବ ପଠାନ୍ତୁ। ଏହା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ। ଏଥିପାଇଁ କୌଣସି ଆଇନଗତ ବାଧା ନାହିଁ। ରାଷ୍ଟ୍ରପତିଙ୍କର ମଧ୍ୟ କ୍ଷମତା ଅଛି, ସେ ଚାହିଁଲେ ରାଜ୍ୟର ଦ୍ୱିତୀୟ ଭାଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ତେଣୁ କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦିଆଯାଉ। ନଚେତ୍ ପାକିସ୍ତାନରେ ଯେଭଳି ଭାଷାଗତ ବିଭେଦତାକୁ ନେଇ ଦୁଇଟି ଦେଶ ସୃଷ୍ଟିହେଲା, ୨୦ରୁ ୨୫ ବର୍ଷ ପରେ ଓଡ଼ିଶାରେ ସେହିଭଳି ପରିସ୍ଥିତି ଉପୁଜିପାରେ ବୋଲି ପ୍ରସନ୍ନ କହିଥିଲେ।

ପରେ ଏହି ଦାବିକୁ ସମର୍ଥନ ଜଣାଇ ବିଜେଡି ସଦସ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ୫ଟି ଭାଷାକୁ ମାନ୍ୟତା ଦେଇଛନ୍ତି। ଆସାମ, ମହାରାଷ୍ଟ୍ର ଓ ବିହାର ଭଳି ରାଜ୍ୟରେ ଦୁଇଟି ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦିଆଯାଇଛି। ତେଣୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ଯଥାଶୀଘ୍ର କୋଶଳୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ।

ସେହିପରି ଗୃହ ବାହାରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ, ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାରେ କୌଣସି ଅସୁବିଧା ନାହିଁ।

# ଅନାସ୍ଥା ସପକ୍ଷରେ ୨୦ କାଉନସିଲରଙ୍କ ଭୋଟ୍


ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା କାଉନସିଲରମାନେ।

**ବ୍ୟାସନଗର ପୌରାଧ୍ୟକ୍ଷାଙ୍କୁ ବିରୋଧ**

**■୬ ଜଣ କାଉନସିଲର ଅନୁପସ୍ଥିତ**

**■ହାଇକୋର୍ଟରେ ମାମଲା, ଝୁଲି ରହିଲା ବିଜ୍ଞପ୍ତି**

ଯାଜପୁର/ଯାଜପୁର ରୋଡ଼ (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି),୨।୪

ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ୨୦ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି। ଅନ୍ୟ ୬ ଜଣ କାଉନସିଲର ଅନୁପସ୍ଥିତ ଥିଲେ। ତେବେ ପୌରାଧ୍ୟକ୍ଷା ସଙ୍ଗୀତାଙ୍କ ହାଇକୋର୍ଟରେ ଡବ୍ଲୁପିସି ନମ୍ବର ୮୪୬୬/୨୦୨୫ ଏବଂ ଆଇଏ ନମ୍ବର ୪୮୯୦/୨୦୨୫ରେ ଏକ ମାମଲା ବିଚାରାଧୀନ ଥିବାରୁ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ ବିଜ୍ଞପ୍ତି ଝୁଲି ରହିପାରେ ବୋଲି ସୂଚନା ମିଳିଛି। ଆସନ୍ତା ୧୫ ତାରିଖରେ ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୌରାଧ୍ୟକ୍ଷା ସଙ୍ଗୀତା ପଦବୀ ହରାଇବା ନିଶ୍ଚିତ ବୋଲି କାଉନସିଲରମାନେ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ବିଜେଡିରୁ ନିର୍ବାଚିତ ପୌରାଧ୍ୟକ୍ଷାଙ୍କୁ ଅଧିକାଂଶ ଦଳୀୟ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବାରୁ ବିଜେଡିର ଭିତିରିଆ କଳି ପଦାରେ ପଡିଛି।

ଗତ ପ୍ରାୟ ୨ ମାସ ହେବ ବ୍ୟାସନଗର ପୌରପରିଷଦରେ ରାଜନୈତିକ ଛକାପଞ୍ଝା ଲାଗି ରହିଥିଲା। ବିଜେଡିରୁ ପ୍ରାର୍ଥୀ ହୋଇ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅନାସ୍ଥା ମତଦାନର ଅଧ୍ୟକ୍ଷତା ଓ ପରିଚାଳନା କରିଥିଲେ। ମ୍ୟୁନିସିପାଲ ଆଇନ ୧୯୫୦ ଧାରା ୫୪ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦୁଇ ତୃତୀୟାଂଶ ମତ ଗୃହୀତ ହେଲେ ତାହା କାଏମ ରହିବାର ବ୍ୟବସ୍ଥା ରହିଛି। ତେଣୁ ୨୦ ଜଣ ଏହାର ସପକ୍ଷରେ ମତଦାନ କରିଥିବାରୁ ଅତିରିକ୍ତ ଜିଲାପାଳ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କୁ ରିପୋର୍ଟ ପ୍ରେରଣ କରିଛନ୍ତି। ମୋଟ ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ଚୁନିଆ ନାୟକ, ମଣୀନ୍ଦ୍ର କୁମାର ସାହୁ, ରଶ୍ମିତା ରାଉତ, ଭରତ ଓଝା, ସରୋଜିନୀ ସେଠୀ ଓ ଅଶୋକ କୁମାର ରାଉତ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଜୟ କୁମାର ଜେନା, କୁମାରୀ କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଅଶୋକ କୁମାର ଦାସ, ସରିତା ଜେନା, ସନ୍ତୋଷ କୁମାର ବରାଳ, ବୁଦୁନି ଦରାଇ, ସିଦ୍ଧାର୍ଥ ଶଙ୍କର ସାମଲ, ସୁବାସ ଚନ୍ଦ୍ର ବଳ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, ସଙ୍ଗୀତାଙ୍କୁ ତାଙ୍କ ଦଳର କାଉନସିଲରମାନେ ବିରୋଧ କରି ଆସୁଥିଲେ। ଏଥିରେ ଅନ୍ୟ ଦଳର କାଉନସିଲରମାନେ ମଧ୍ୟ ସମର୍ଥନ କରୁଥିଲେ। ବିଜେଡିର ଏହି ଭିତିରି କଳି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ସହରର ବିକାଶ ପ୍ରତି ଧ୍ୟାନ ନ ଦେଇ କେବଳ ମନମାନିଶାସନ ଚଳାଇଥିବା ଅଭିଯୋଗ କରି କାଉନସିଲରମାନେ ତାଙ୍କ ବିରୋଧରେ ମାର୍ଚ୍ଚ ୬ରେ ଅନାସ୍ଥା ପ୍ରସ୍ତାବ ଲାଗି ଆବେଦନ କରିଥିଲେ। ଏହିକ୍ରମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୨ଟାରେ ଗଣତି ହୋଇଥିଲା। ହେଲେ ଫଳାଫଳ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନ ୩ଟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ପ୍ରିଜାଇଡିଂ ଅଫିସର କୁମୁଦିନୀ ରାଉତ, ପାର୍ଥସାରଥି ନାୟକ, ଦିଲ୍ଲୀପ ସେଠୀ ଓ ରବୀନ୍ଦ୍ର କୁମାର ରାଉତ ଅନାସ୍ଥା ସପକ୍ଷରେ ମତଦାନ କରିଥିଲେ।

ବ୍ୟାସନଗର ପୌର ପରିଷଦର ଅତୀତକୁ ଅବଲୋକନ କଲେ ୨୦୧୩ରୁ ଏହା ୪ର୍ଥ ଥର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। କୌଣସି ଅନାସ୍ଥା ପ୍ରସ୍ତାବରେ ପୌରାଧ୍ୟକ୍ଷାଙ୍କ ପଦବୀ ଯାଇ ନ ଥିବାବେଳେ ଏଥର ପଦବୀ ହରାଇବା ପ୍ରାୟ ସୁନିଶ୍ଚିତ ହୋଇଛି। ଏ ନେଇ ପୌରାଧ୍ୟକ୍ଷା ସଙ୍ଗୀତା କହିଛନ୍ତି, ସେ ଜଣେ ଆଦିବାସୀ ମହିଳା ହୋଇଥିବାରୁ ବ୍ୟାସନଗର ପୌର ପରିଷଦ ପରିଚାଳନା କରିବା କେତେଜଣ ନେତାଙ୍କୁ ହଜମ ହେଲାନି। ତାଙ୍କୁ ପଦବୀରୁ ହଟାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଆରମ୍ଭରୁ ରବର ଷ୍ଟାମ୍ପ ଭଳି ବ୍ୟବହାର କରିବାକୁ ଉଦ୍ୟମ କରାଗଲା ଏବଂ ସେ ସେଥିରେ ଅରାଜି ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ଏହାବାଦ୍ କୋରେଇ ବିଜେଡିର ଏକାଧିକ ମୁରବି ଥିବାରୁ କେହି ନିଷ୍ପତ୍ତି ନେଇ ପାରି ନ ଥିଲେ। ଏଥିପାଇଁ କୋରେଇ ବିଜେଡିର କେତେଜଣ ନେତାଙ୍କୁ ସଙ୍ଗୀତା ଦାୟୀ କରିଛନ୍ତି।

# ଲୋକଙ୍କ ସହ ଯୋଡ଼ି ହୁଅ: ମନମୋହନ

ବଲାଙ୍ଗୀର,୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଭାଜପା ସାଙ୍ଗଠନିକ ବୈଠକ ବୁଧବାର ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଶ୍ରୀବସ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ। ଏହି ବୈଠକରେ ଭାଜପା ପୂର୍ବତନ ଜିଲା ସଭାପତି ତଥା ସଙ୍ଗଠକ ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅମିତ ସିଂ ନିନା ପରିଚାଳନା କରିଥିଲେ। ବୁଥ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ କିଭଳି ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ମିଶି ସଚେତନତାମୂଳକ କାର୍ଯ୍ୟ କରିବା ସେ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ସାମଲ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ସାଙ୍ଗଠନିକ ମୂଳଦୁଆକୁ ସୁଦୃଢ଼ କରିବା ମନ୍ତ୍ର ଦେଇଥିଲେ। ଲୋକଙ୍କ ସହ ଯୋଡ଼ି ହେବାକୁ ପରାମର୍ଶ ଦେବା ସହ ଭାଜପା ଆଗାମୀ ଦିନରେ କିଭଳି ସମାଜ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଇଛି କହିଥିଲେ। ଆଗାମୀ ଦୁଇଟି ପକ୍ଷରେ ସାଙ୍ଗଠନିକ ଓ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସୂଚନା ଦେଇ ସେ ଏପ୍ରିଲ ୨ରୁ ୧୪ ତାରିଖ ପ୍ରଥମ ପକ୍ଷ ଏବଂ ୧୫ରୁ ୩୦ ତାରିଖ ଦ୍ୱିତୀୟ ପକ୍ଷ ପାଳନ କରାଯିବ ବୋଲି ସେ କହିଥିଲେ ।

**Classified Everyday**
0674-2580101, 9692975378


REAL ESTATE

**SALE**

Building for sale 70,000 sqft. with land area 11 acre of land near Brahmapur, Ganjam for Hospital/College/School. Contact No- 8260780200. D-76806




Newly opened spa in puri. Professional body massage available. 9861984834. D-3394

**AFFIDAVIT**

I, NIRANJAN SAMANTARAY, S/o- Gagan Chandra Samantray, resident of At- Flat No.- 303, Block- A, Nageswar Residency, Kalarahanga, Bhubaneswar, Urban, Odisha, India, PIN-751024 declare by this affidavit No.- 656 dtd. 02.04.2025 that now onwards I shall be known as NIRANJAN SAMANTRAY for all future purposes. D-009

By virtue an affidavit sworn before Executive Magistrate, Dhenkanal, dtd. 11.03.2025, No.- 1783 I, Sumitra Moharana, W/o- Laxmidhar Moharana, Village- Solagadia, Post.- Lethaka, P.S.- Nihalprasad, Dist.- Dhenkanal (Odisha)- 759016, declare that I have changed my name from Rama Moharana to Sumitra Moharana. Henceforth, I shall be known as SUMITRA MOHARANA for all purposes.
Sumitra Moharana
D-73586

ମୁଁ, ମଞ୍ଜୁଲତା ବେହେରା, ସ୍ୱାମୀ- ନରେନ୍ଦ୍ର କୁମାର ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ସତ୍ୟପାଠ ସି.ଏଫ୍.ନମ୍ବର ୫୬, ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମଞ୍ଜୁଲତା ପଣ୍ଡିତ ଭାବରେ ପରିଚିତ ହେବି। ଧ-୦୦୭

ମୁଁ, ନରେନ୍ଦ୍ର ବେହେରା, ପିତା- ସ୍ୱର୍ଗତ ଯଦୁନାଥ ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ଶପଥପତ୍ର ସି.ଏଫ୍.ନମ୍ବର ୫୫ ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ନରେନ୍ଦ୍ର କୁମାର ବେହେରା ଭାବରେ ପରିଚିତ ହେବି। ଧ-୦୦୬

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

I, Jena Amartya, S/o- Pravakar Jena, resident of Ward No.- 18, Pandara Square, Rasulgarh, P.O./P.S.- Mancheswar, Dist.-Khorda, PIN- 751025 Odisha declare by this affidavit No.- 82 Dtd.- 02.04.2025 that now onwards I shall be known as J Amartya for all future purposes. D-010

By virtue of an affidavit before Executive Magistrate, Sadar, Cuttack on dtd. 02.04.2025 I, Sri Shubham Sahoo, S/o- Pranakrushna Sahoo, Dadhapatna, Barang, Cuttack declare that I have changed my name from Shubham Sahoo to Pritish Ranjan Sahoo. Henceforth, I shall be known as Pritish Ranjan Sahoo for all purpose.
D-011

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ**



**ସ୍ୱପ୍ରବୀଣା କାନୁନ୍‌ଗୋ**
ସ୍ୱାମୀ- ପ୍ରିୟରଞ୍ଜନ କାନୁନ୍‌ଗୋ
ଦଇତାପଡ଼ା ସାହି, ପୁରୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ସ୍ୱାମୀ, ଝିଅ- ରୋଜାଲିନ୍, ଶ୍ୱେତାଲିନ୍, ଜ୍ୱାଇଁ- ଦେବେନ୍ଦ୍ର, ପ୍ରଶାନ୍ତ, ନାତି- ଶୁଭ, ସତ୍ୟମ୍, ନାତୁଣୀ- ଶ୍ରୀ ଏବଂ ପରିବାରବର୍ଗ।
ଧ-୦୦୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**୧୨ ଫୁଟର ଅଜଗର ଉଦ୍ଧାର**

ବନ୍ତଲା,(ସୁଶିତ ସାହୁ): ଅନୁଗୋଳ ବ୍ଲକ ବଲଙ୍ଗ ପଞ୍ଚାୟତ ହିଡିସିଂ ଗାଁର ଗନ୍ଧର୍ବ ଦେହୁରୀଙ୍କ ଘରୁ ୧୨ ଫୁଟର ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି ପାଇଖାନା ଘରେ ଥିବା ଦେଖି ଗନ୍ଧର୍ବ ଗାଁ ଲୋକଙ୍କ ସହାୟତାରେ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଖବର ଦେଇଥିଲେ। ଆଦିତ୍ୟ ଓ ତାଙ୍କ ସହଯୋଗୀ ଶିବାନୀ ଶଙ୍କର ଦେହୁରୀ, ଚିନୁ ସାହୁ ଓ ଶେଖ ରାଜା ପହଞ୍ଚି ସାପଟିକୁ ଉଦ୍ଧାର କରି ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସାହୁଙ୍କ ଉପସ୍ଥିତରେ ଜଙ୍ଗଲରେ ଛାଡି ଦେଇଥିଲେ।

# ଶିଶୁଙ୍କୁ ନିୟମିତ ସ୍କୁଲ ପଠାଇବାକୁ ଅନୁରୋଧ


ଅତିଥିମାନଙ୍କ ସହ ସ୍କୁଲରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ।

ଅନୁଗୋଳ,୨।୪(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଜିଲା ତଥା ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ ବୁଧବାର ଶୁଭାରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଛାତ୍ରୀଛାତ୍ରଙ୍କୁ ପାଠପଢ଼ି

**ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ**

ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ ଯୋଗଦେଇ ଶିଶୁଙ୍କୁ ନିୟମିତ ସ୍କୁଲ ପଠାଇବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠକରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କେଦାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ସହିତ ସ୍କୁଲ ବ୍ୟାଗ ପ୍ରଦାନ କରି ଖଡିଛୁଆଁଇ ଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ପିଲାମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ମୌଳିକ ସଂଖ୍ୟାଜ୍ଞାନ ଷ୍ଟଲ, ମୌଳିକ ସାକ୍ଷରତା ଷ୍ଟଲ ଓ ସୃଜନାତ୍ମକ ଷ୍ଟଲ ଗୁଡିକୁ ବୁଲି ଦେଖିଥିଲେ। ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶାନ୍ତନୁ କୁମାର ପ୍ରଧାନ ଓ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ସହଯୋଗ କରିଥିଲେ।

# ହନୁମାନ ଚାଳିଶା, ଯଜ୍ଞ ସମ୍ପନ୍ନ

ବଇଣ୍ଡା,୨।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ହନୁମାନ ମନ୍ଦିରରେ ବିଶ୍ୱର କଲ୍ୟାଣ ନିମନ୍ତେ ଏକ ହନୁମାନ ଚାଳିଶା, ନାମ ସଂକୀର୍ତ୍ତନ, ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ରାକେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ହନୁମାନ ଚାଳିଶା ପାଠ ସମ୍ପନ୍ନ ହୋଇଥିଲା। ଆଖପାଖ ଅଞ୍ଚଳର ଭକ୍ତ ସହଯୋଗ କରିଥିଲେ। ଗାୟକ ପୁରୁଷୋତ୍ତମ, ଶ୍ରୀଧର ମହାନ୍ତି ଓ ଅନ୍ୟ ସହଯୋଗୀ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳକ କୃଷ୍ଣ ମୁଖୀ ଓ ଭକ୍ତଙ୍କ ସହଯୋଗରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ଜଗତ ମୋହନ ମିଶ୍ର, ଅଶୋକ ମିଶ୍ର, ରିଙ୍କୁଲାଲ ମିଶ୍ର, ପ୍ରଶାନ୍ତ, ପିଣ୍ଟୁ, ଅନିଲ, କୁନା ଦାସ, ପ୍ରଭାତ, ସ୍ୱପ୍ନେଶ୍ୱର ନନ୍ଦ ଉପସ୍ଥିତ ଥିଲେ। ରାକେଶ ମିଶ୍ର, ଦିପେନ ମାଝୀ, ବାବୁନା ବେହେରା, ବିକ୍ରମ କୁଦେଇ, ଦେବାନନ୍ଦ ପ୍ରଧାନ ଓ କର୍ତ୍ତା ଭାବରେ ବିମଳ ଅଗ୍ରୱାଲା, ଜମେଶ୍ୱର ସାହୁ ଉପସ୍ଥିତ ଥିଲେ।

# ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି


ବରପୁତ୍ରଙ୍କ ଶ୍ରଦ୍ଧାଞ୍ଜଳି ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

ବଇଣ୍ଡା,୨।୪(ପରିକ୍ଷିତ ସାହୁ)

ଓଡ଼ିଶା ଦିବସ ଅବସରରେ ମଙ୍ଗଳବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଆଠମଲ୍ଲିକ ଗସ୍ତରେ ଆସି ପ୍ରଥମେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଗଣେଶ ବଜାରସ୍ଥିତ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଓକିଲ ସଂଘ କାର୍ଯ୍ୟାଳୟଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓକିଲ ସଂଘର ନବନିର୍ବାଚିତ ସଭାପତି ସୁଶାନ୍ତ କୁମାର ମହାପାତ୍ର ଓ ସହ ସମ୍ପାଦକ ନୀଳାଞ୍ଚଳ ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ଅଭିନନ୍ଦନ ଜଣାଇଥିଲେ। ସେହିପରି ଉପଖଣ୍ଡ ପ୍ରଶାସନ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ କୁମାର ଟେଟେ, ସହକାରୀ ଜିଲାପାଳ ତନ୍ମୟ ରଞ୍ଜନ ପାତ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

# ଶରତ ସାମଲଙ୍କୁ ଡିଜିପି ଡିସ୍କ ସମ୍ମାନ


ଡିଜିପିଙ୍କ ଠାରୁ ସମ୍ମାନ ଗ୍ରହଣ କରୁଛନ୍ତି ସବ୍‌ଇନ୍ସପେକ୍ଟର ଶରତ ସାମଲ।

ଅନୁଗୋଳ,୨।୪(ମାନସ ବିଶ୍ୱାଳ)

ପୋଲିସ ସ୍ପେଶାଲ ବ୍ରାଞ୍ଚ ଭୁବନେଶ୍ୱର ଜୋନ୍ ଅଧୀନ ଅନୁଗୋଳରେ କାର୍ଯ୍ୟରତ ପୋଲିସ ସବ୍‌ଇନ୍ସପେକ୍ଟର ଶରତ କୁମାର ସାମଲ ଗତ ୧ ତାରିଖ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଡିସ୍କ ସମ୍ମାନ ହାସଲ କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପୋଲିସ ଡିଜିପି ଯୋଗେଶ ବହାଦୁର ଖୁରାନିଆ ଏହି ସମ୍ମାନ ସବ୍‌ଇନ୍ସପେକ୍ଟର ସାମଲଙ୍କୁ ପ୍ରଦାନ କରିଥିଲେ। ପ୍ରାୟ ୩୬ ବର୍ଷ ଧରି ସାମଲ ନିଜ ବୃତ୍ତିଗତ ଦକ୍ଷତା, ସମୟାନୁବର୍ତ୍ତିତା ପାଇଁ ଏହି ସମ୍ମାନ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ ଓଡ଼ିଶା ଦିବସ



ଓଡ଼ିଶା ଦିବସ ପାଳନ ଅବସରରେ ସ୍କୁଲ ଅଧ୍ୟକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ।

ଅନୁଗୋଳ,୨।୪(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅଧ୍ୟକ୍ଷ ତଥା ହରିୟାଣା ରାଜ୍ୟ କୁରୁକ୍ଷେତ୍ର ଲୋକ ସଭା ଏମ୍‌ପି ନବୀନ ଜିନ୍ଦଲ ସୋସିଆଲ ମିଡିଆ ମାଧ୍ୟମରେ ପ୍ରତ୍ୟେକ ଓଡ଼ିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ ଲେଖିଥିଲେ, ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏହି ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟର ଭୂମିକୁ ଅଧିକ ସମୃଦ୍ଧି ପ୍ରଦାନ କରୁ। ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏହି ପ୍ରାର୍ଥନା କରୁଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ଛାତ୍ରୀଛାତ୍ରମାନଙ୍କୁ ଏକତା ବଜାୟ ରଖିବା ସହିତ ଓଡ଼ିଆ ସଂସ୍କୃତିକୁ ଆଦର ଏବଂ ପ୍ରଚାର କରିବାକୁ ଉତ୍ସାହିତ କରିଥିଲେ। ଏହିଅବସରରେ ନାଲ୍‌କୋନଗର ଡିପିଏସ୍ ସ୍କୁଲର ଇନ୍ଦିରା ଚାଟାର୍ଜୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଓଡ଼ିଆ ପ୍ରବନ୍ଧ ଲିଖନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବକୁ ବିଦ୍ୟାଳୟ ଓଡ଼ିଆ ବିଭାଗର ଶିକ୍ଷକ ସଂଯୋଜନା କରିଥିଲେ। ଅଖିଳ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶପଥ ନେଲେ ନବନିର୍ବାଚିତ କର୍ମକର୍ତ୍ତା

ଅନୁଗୋଳ,୨।୪(ମାନସ ବିଶ୍ୱାଳ)/ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ଓକିଲ ସଂଘର ନବନିର୍ବାଚିତ ପ୍ରତିନିଧିମାନେ ବୁଧବାର ଶପଥ ଗ୍ରହଣ କରିଛନ୍ତି। କୋର୍ଟ ପରିସରରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଓକିଲ ସଂଘ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ରାଜଶ୍ରୀ ପଟ୍ଟନାୟକ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବେ ହିମାଂଶୁ ଭୂଷଣ ସାମଲ ଏବଂ ସାଧାରଣ ସମ୍ପାଦକ ଭାବେ ଧ୍ରୁବଚରଣ ସାହୁ, ଉପସଭାପତି ପ୍ରତାପ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରଦୀପ ସେଠୀ, ସହ ସମ୍ପାଦକ ପୁରୁଷୋତ୍ତମ ନାୟକ, ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁ ଶପଥ ଗ୍ରହଣ କରିଥିଲେ। ଏହି ଉତ୍ସବରେ ବିଚାର ବିଭାଗର ସମସ୍ତ ବିଚାରପତି, ଆଇନଜୀବୀ ଏବଂ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିସହିତ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଓକିଲ ସଂଘର ନବାଗତ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରବେଶ ଓ ଖଡ଼ିଛୁଆଁ ଦିବସରେ ପ୍ରତିବାଦ

ଛେଣ୍ଡିପଦା,୨।୪(ଅଜିତ ଧଳ)

ବିଦ୍ୟାଳୟରେ ପ୍ରବେଶ ଓ ଖଡିଛୁଆଁ ଦିବସରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛେଣ୍ଡିପଦା ବ୍ଲକ କୁଶକିଳା ଗାଁର ଅଭିଭାବକ ଓ ଗ୍ରାମବାସୀ। ଗ୍ରାମବାସୀ କହିଛନ୍ତି, ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। କିନ୍ତୁ ସରକାର ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ବରପଦା ବିଦ୍ୟାଳୟରେ ମିଶ୍ରଣ କରିଦେଇଛନ୍ତି। ଫଳରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରାୟ ୬ କି.ମି. ଦୂର ବିଦ୍ୟାଳୟକୁ ଜଙ୍ଗଲ ରାସ୍ତାଦେଇ ପାଠ ପଢିବାକୁ ଯାଉଛନ୍ତି। ତେଣୁ କୁଶକିଳା ବିଦ୍ୟାଳୟରେ ପୁଣିଥରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ କୁଶକିଳା ଗ୍ରାମ ସଭାପତି ଭୋଲେଶ୍ୱର ସାହୁଙ୍କ ନେତୃତ୍ୱରେ ଗ୍ରାମ ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ଲକ୍ଷ୍ମୀଧର ବେହେରା, ଭାରତୀ ନାଏକ ପ୍ରମୁଖ ବିରୋଧ ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସ୍ମିତା ନନ୍ଦ କହିଛନ୍ତି, ଜଣେ ଶିକ୍ଷକ ଅବସର ନେବା ପରେ ଆଉ କୌଣସି ଶିକ୍ଷକ ନ ଥିବାରୁ ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟ ମିଶ୍ରଣ କରାଯାଇଛି।

# ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପାଇଁ ଉଚ୍ଚତର ଭିତ୍ତିଭୂମି ଆବଶ୍ୟକ

ଅନୁଗୋଳ,୨।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ଅବସରରେ ଏଟିଭି ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସନ୍ତୀ ପାଠାଗାର ପରିସରରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଉଦ୍‌ଘାଟନ କରି ପରିମଳ ଅବସ୍ଥାରେ ସୁଧାର ସହ ଏକ ସ୍ୱଚ୍ଛ ସହର ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ଶିକ୍ଷାବିତ୍ ତଥା ଆଦର୍ଶଗ୍ରୁପ୍ ଅଧ୍ୟକ୍ଷ ମହେଶ ଧଳ ଯୋଗଦେଇ ଅନୁଗୋଳରେ ରିଙ୍ଗ ରୋଡ୍‌ର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଲୟର୍ସ ଆସୋସିଏଶନର ସହ ଅଧ୍ୟକ୍ଷ ଭୂପେଶ ଚନ୍ଦ୍ର ପ୍ରଧାନ ଏବଂ ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ଅମରେଶ ସ୍ୱାଇଁ ଜିଲାର ସାମଗ୍ରିକ ବିକାଶ ପାଇଁ ପ୍ରଶାସନର ଦାୟିତ୍ୱ ସାଙ୍ଗକୁ ଜନ ସମୁଦାୟର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ସ୍ୱଚ୍ଛ ସମୃଦ୍ଧ ଅନୁଗୋଳ ଆଉ କେତେ ଦୂର ଶୀର୍ଷକ ଆଲୋଚନା ଉପରେ ଭାଗନେଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଜିଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ପରିବେଶ ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ବ୍ୟାପକ ଚାରା ରୋପଣ ଏବଂ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପାଇଁ ଉଚ୍ଚତର ଭିତ୍ତିଭୂମିର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ରାକେଶ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଶ୍ୱରଞ୍ଜନ ପଟନାୟକ, ଦୁଷ୍ମନ୍ତ କୁମାର ନାଥ, ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ ଏବଂ କର୍ମକର୍ତ୍ତା ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ରାସ୍ତା କାମ ନିମ୍ନମାନର ଅଭିଯୋଗ

ଛେଣ୍ଡିପଦା,୨।୪ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତରେ ପୂର୍ତ୍ତବିଭାଗ ପକ୍ଷରୁ କରାଯାଉଥିବା ରାସ୍ତା କାର୍ଯ୍ୟ ନିମ୍ନମାନର ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, ନୂଆଗାଁ ତାରିଣୀ ପୀଠ ଠାରୁ ମାରୁଡିପ ପର୍ଯ୍ୟନ୍ତ ୫ କି.ମିରୁ ଊର୍ଦ୍ଧ୍ୱ ରାସ୍ତାର ଉନ୍ନତୀକରଣ ପାଇଁ ୧୦ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ ରହିଛି। ମାତ୍ର ହାତ ମାରିଲେ ରାସ୍ତାରୁ ପିଚୁ ଉଠିଯାଉଛି। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମର ଅଜୟ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାକାମକୁ ବନ୍ଦ କରିଦେଇଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ବାଗଡ଼ିଆ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାକାମ ଆରମ୍ଭ ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ଧନେଶ୍ୱର ମହାପାତ୍ର କହିଛନ୍ତି, ସେପରି କୌଣସି ଖରାପ କାମ କରାଯାଇ ନାହିଁ। ଯଦି କୌଣସି ସ୍ଥାନରେ ଖରାପ କାମ ହୋଇଥିବାନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ତେବେ ପୁନର୍ବାର କାମ କରାଯିବ।

# ଡ୍ରେନ୍‌ରେ ପଶିଗଲା କାର୍, ୨ ଗୁରୁତର

ସନ୍ତ୍ରଛକ, ୨।୪(ସନ୍ତୋଷ ପରିଡ଼ା):

ବଣଁରପାଳ ବ୍ଲକ ନୂଆହତା ନୂତନ ବାଇପାସ୍ ନିକଟରେ ଏକ କାର୍ ଭାରସାମ୍ୟ ହରାଇ ଡ୍ରେନ୍ ଭିତରକୁ ପଶିଯିବାରୁ ୨ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ମୁତାବକ, କାର୍‌ଟି ଭୁବନେଶ୍ୱରରୁ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ନୂଆହତା ନୂତନ ଓଭର ବ୍ରିଜ୍ ନିକଟରେ ଟ୍ରକ୍ ସାଇଡ୍ ମାରିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୫୫ ନମ୍ବର ଜାତୀୟ ରାଜପଥ ଡ୍ରେନ କାମ ନିମ୍ନମାନର ହୋଇଥିବାରୁ ସ୍ଲାବ ଭାଙ୍ଗି ଗାଡ଼ିଡ଼ି ଗଳିପଡୁଛି ବୋଲି କୁହାଯାଉଛି। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଅଶୋକ ଧୀର, ଦିବ୍ୟରଞ୍ଜନ ସାମଲ, ପ୍ରିୟବ୍ରତ ମହାନ୍ତି, ବିଜୟ ପରିଡା, ଶିପୁ ସାମଲ, ପ୍ରଶାନ୍ତ ସାମଲଙ୍କ ସହଯୋଗରେ କାର୍‌ଟିକୁ ହାଇଡ୍ରା ସହାୟତାରେ ଉଦ୍ଧାର କରାଯାଇଥିଲା।



# ମହାପୁରୁଷଙ୍କ ତ୍ୟାଗ, ବଳିଦାନ ଉପରେ ଆଲୋକପାତ

ତାଳଚେର,୨।୪ (ମନୋଜ ନନ୍ଦ)

ତାଳଚେର ବ୍ଲକ ବଡ଼ଯୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଓ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଗାୟତ୍ରୀ ପରିବାର ତରଫରୁ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ କରାଯାଇଥିଲା। ପୂର୍ବତନ ଛାତ୍ର ତଥା ତାଳଚେର କୋର୍ଟ ଡେପୁଟି ଆଡମିନିଷ୍ଟ୍ରେଟର ସମରେନ୍ଦ୍ର ଦେବତା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତନ, ସଫଳ ସାଭିମାନୀ ଓଡ଼ିଆ ଭାବେ ତାଙ୍କର ବ୍ୟକ୍ତିଗତ ଜୀବନର ଶ୍ରେଷ୍ଠତା ଓ ଓଡ଼ିଶା ପ୍ରତି କରିଥିବା ମହାନ କାର୍ଯ୍ୟଗୁଡ଼ିକ ସହ ବ୍ୟାସକବି ଫକୀର ମୋହନ ସେନାପତି ଏବଂ ଅନ୍ୟ ମହାପୁରୁଷ ମାନଙ୍କ ତ୍ୟାଗ, ବଳିଦାନ ଉପରେ ଆଲୋକପାତ କରାଇଥିଲେ। ବିଦ୍ୟାଳୟ ସଭାପତି ସୁରେଶ ଚନ୍ଦ୍ର ସାହୁ, ପୂର୍ବତନ ସଭାପତି ମନ୍ଦରଧର ପ୍ରଧାନ ଓ ନେହେରୁ ପ୍ରଧାନ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ, ଆଚାର୍ଯ୍ୟ ପ୍ରଦ୍ମୀନ ପ୍ରଧାନ, ସୁଶାନ୍ତ କୁମାର ବେହେରା ଓ ବବିତା ବିଶ୍ୱାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ଆଠମଲ୍ଲିକ,୨।୪(ଉଦୀପ୍ତ ପୁରୋହିତ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭାଗବାନ ପ୍ରଧାନ, ମୁଖ୍ୟବକ୍ତା ଆରଏସ୍‌ଏସ୍ ଢେଙ୍କାନାଳ ବିଭାଗ ବୌଦ୍ଧିକ ପ୍ରମୁଖ ଚନ୍ଦ୍ରକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଖଣ୍ଡ ସଂଘ ଚାଳକ ଅଜିତ ମେଣ୍ଡୁଲି ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷର ବିଶେଷତ୍ୱ ସମ୍ପର୍କରେ କହିଥିଲେ। ଆର୍‌ଏସ୍‌ଏସ୍ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ ଦାସ, ଗୁରୁଜୀ ରବିଥାଟି, ଦିଲୀପ ମିଶ୍ର, ଗୁରୁମା ବବିତା ପାତ୍ର, ରଶ୍ମିତା ପାଢୀ, ବିଳାସିନୀ ଦେବୀ, ମମିତା ଦାସ, ରତ୍ନାପ୍ରଭା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




# ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଆଠମଲ୍ଲିକ,୨।୪ (ଉଦୀପ୍ତ ପୁରୋହିତ) / ବଇଣ୍ଡା (ପରିକ୍ଷିତ ସାହୁ)

ଆଠମଲ୍ଲିକ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ବୁଧବାର ସଂଘ ବାର୍‌ହଲଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର ଏହି ଶପଥ ପାଠ କରାଇଥିଲେ। ଲଗାତର ପଞ୍ଚମ ଥର ପାଇଁ ସଭାପତି ନିର୍ବାଚିତ ହୋଇଥିବା ସୁଶାନ୍ତ କୁମାର ମହାପାତ୍ର, ଉପସଭାପତି ଭାବେ ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଭାବେ ଅର୍ଜୁନ ରାଉଳ, ସହ ସମ୍ପାଦକ ଭାବେ ନୀଳାଞ୍ଚଳ ନାଏକ ଓ କୋଷାଧ୍ୟକ୍ଷ ତଥା ଲାଇବ୍ରେରିଆନ ଭାବେ ବିଶ୍ୱସୁନ୍ଦର ଶତପଥୀ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାକୁଡ଼ ସମସ୍ତ ସଦସ୍ୟ ସଂଘର ଉନ୍ନତି ଚିନ୍ତା କରିବା ଦରକାର ବୋଲି କହିଥିଲେ। ସହ ନିର୍ବାଚନ ଅଧିକାରୀ ରାମଚନ୍ଦ୍ର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କର୍ମକର୍ତ୍ତାମାନେ ସଂଘ କାର୍ଯ୍ୟାଳୟଠାରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଜଳ ଯୋଗାଣ ବନ୍ଦ ନେଇ ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୨।୪(ପରିକ୍ଷିତ ସାହୁ):

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମକୁ ପାନୀୟ ଜଳ ଯୋଗାଉଥିବା ପାଇପ୍‌କୁ ଏକ ଠିକାସଂସ୍ଥା ଫଟାଇ ଦେବା ଫଳରେ ଗ୍ରାମବାସୀ ୧୫ ଦିନ ହେବ ଜଳ ଯୋଗାଣରୁ ବଞ୍ଚିତ ରହିଛନ୍ତି। ଏ ନେଇ ହଣ୍ଡପା ସରପଞ୍ଚ ବୁଧବାର ଅନୁଗୋଳ ଜିଲାପାଳଙ୍କ ଠାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି, ପୂର୍ତ୍ତ ବିଭାଗ ତରଫରୁ ହଣ୍ଡପା ଠାରୁ ପଟପଥର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି। ପାପସରା ଠାରେ ମଧ୍ୟ ଉକ୍ତ ଠିକାସଂସ୍ଥା ପକ୍ଷରୁ ନୂତନ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ପିଇବା ପାଣି ପାଇପ୍‌କୁ ଜେସିବି ମେସିନ ଦ୍ୱାରା ଫଟାଇ ଗ୍ରାମ ରାସ୍ତାରେ ଗଚ୍ଛିତ କରି ଦିଆଯାଇଛି। ଏଥିଯୋଗୁ ୩ ଶହରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ପୂର୍ବରୁ ଅଭିଯୋଗ କରାଯାଇଲେ ମଧ୍ୟ ସୁଫଳ ମିଳିନାହିଁ। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୁଶାନ୍ତଙ୍କୁ ଜାତୀୟ ବିଚାରକ ମାନ୍ୟତା

ଅନୁଗୋଳ,୨।୪(ମାନସ ବିଶ୍ୱାଳ)

ଅନୁଗୋଳ ଉଶୁ ଆସୋସିଏଶନର ସାଧାରଣ ସମ୍ପାଦକ ସୁଶାନ୍ତ ନାୟକଙ୍କୁ ଜାତୀୟ ବିଚାରକ ମାନ୍ୟତା ମିଳିଛି। ସବ୍‌ଜୁନିୟର ଏବଂ ଜୁନିୟର ଜାତୀୟ ଖେଲୋ ଇଣ୍ଡିଆ ଉଶୁ ଲିଗ୍ ଗୁଜରାଟ ଗାନ୍ଧୀନଗର ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଚାମ୍ପିୟନଶିପ୍‌ରେ ସୁଶାନ୍ତ ଅଂଶଗ୍ରହଣ ସହ ଜଣେ ବୈଷୟିକ ଅଧିକାରୀ ଭାବରେ ଓଡ଼ିଶାର ନେତୃତ୍ୱ ନେବାର ସୁଯୋଗ ପାଇଛନ୍ତି। ଅନୁଗୋଳ ଉଶୁ ଆସୋସିଏଶନ ସଭାପତି ପ୍ରତାପ ଚୌଧୁରୀ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦୀନେଶ ପ୍ରଧାନ, ଅରୁଣ ନାୟକ, ବିନୋଦ ନାୟକ, ତପନ ସାମଲ, ରାଜେଶ ମିଶ୍ର, ମିଥୁନ ସାମଲ, ଡୋଲା ଗୋବିନ୍ଦ ଦଳେଇ, ଅମରଜିତ ଗଡ଼ନାୟକ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ ସୁଶାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ ପାଳିତ


ଠାକୁରାଣୀଙ୍କ ପାଟଖଣ୍ଡା ଓ ଆଜ୍ଞାମାଳ ସହିତ ୨ଜଣ ପାଇକ ପଡିଆରଙ୍କୁ ଡାକି ଆଣୁଛନ୍ତି।

ତାଳଚେର,୨।୪(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୧ତମ ଲୋକ ମହୋତ୍ସବ ଆସନ୍ତା ୧୧ ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହେବ। ଏହା ପୂର୍ବରୁ ପ୍ରସିଦ୍ଧ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ମା'କୁଟେଇଶୁଣୀ ପୀଠ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ପୂଜକଙ୍କ ଘରୁ ଅପରାହ୍ନ ୧ଟା ୪୫ରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଶୋଭାଯାତ୍ରାରେ କୁଟେଇଶୁଣୀ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ମୁଖ୍ୟପୂଜକ କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ରୀତିନୀତି ଅନୁଯାୟୀ ଉପଯୁକ୍ତ ମାର୍ଜନା ଓ ସ୍ନାନ ପରେ ଶାବର ମନ୍ତ୍ରରେ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ୨ଜଣ ପାଇକ ଠାକୁରାଣୀଙ୍କ ପାଟଖଣ୍ଡା ଓ ଆଜ୍ଞାମାଳ ସହିତ ଗୋପାଳପ୍ରସାଦ ଗ୍ରାମସ୍ଥିତ ପାଟଣା ସାହିକୁ ଯାଇ ପଡିଆରଙ୍କୁ ଡାକି ଆଣିଥିଲେ। ପରେ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପରିଧାନ କରି ପୂଜା ପିଢ଼ ସମ୍ମୁଖରେ ଆସନ ଗ୍ରହଣ କରିଥିଲେ। ଏହାପରେ ଦେହୁରୀ ପଡିଆରଙ୍କୁ ଦେବୀ ରୂପରେ ପୂଜା କରିଥିଲେ। ପଡିଆରଙ୍କ ଠାରେ ଦେବୀ ଆବିଷ୍ଟ ହୋଇ ମା' ହିଙ୍ଗୁଳାଙ୍କ ଆବିର୍ଭାବର ଦିଗ ସମ୍ବନ୍ଧରେ ସୂଚନା ଦେହୁରୀଙ୍କୁ ଦେଇଥାନ୍ତି। ପୂର୍ବ ସୂଚନାକୁ ଆଧାର କରି ଦେହୁରୀ ଅର୍ଦ୍ଧରାତ୍ରରେ ଏକା ଯାଇ ମା'ଙ୍କ ଆବିର୍ଭାବସ୍ଥଳୀ ବା ଉଭାସ୍ଥଳୀକୁ ଚିହ୍ନଟ କରିଥାନ୍ତି। ଏହି ଉତ୍ସବ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ତାଳଚେର ଉପଜିଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଉପସ୍ଥିତ ରହି ତଦାରଖ କରିଥିଲେ। ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟଙ୍କ ସମେତ ରାଜେନ୍ଦ୍ର କୁମାର ସିଂହ, ଜଗନ୍ ମୋହନ ଗଡ଼ନାୟକ, ସେବାୟତ ଅଭୟ ପଡିଆର, ଡିଲେଶ୍ୱର ସାମଲ, ହାଡ଼ିବନ୍ଧୁ ମହାନ୍ତି, ମୁଠିଆ ଦେହୁରୀ, ବାୟା ବାରିକ, ଦୁର୍ଗାଚରଣ ବାରିକ, ମୁରଲୀ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ Bhubaneswar, Thursday, April 3/ 2025

# ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ବିଜୟ

## ମହମ୍ମଦ ସିରାଜଙ୍କ ପ୍ରଭାବୀ ବୋଲିଂ


ମହମ୍ମଦ ସିରାଜ

ବେଙ୍ଗାଲୁରୁ, ୨।୪

ଇଣ୍ଡିଆନ ପ୍ରିମିୟର ଲିଗ୍ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୮ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଥିଲା। ୧୭୦ ରନର ବିଜୟ ଲକ୍ଷ୍ୟକୁ ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଜୋସ ବଟଲର ୭୩ (୩୯ ବଲ, ୫ ଚୌକା, ୬ ଛକା) ଓ ଶେର୍ଫାନ ରଦରଫୋର୍ଡ ୩୦ (୧୮ ବଲ, ୧ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଟପ୍ ଅର୍ଡରରେ ସାଇ ସୁଦର୍ଶନ ୪୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୩ ମ୍ୟାଚରୁ ଗୁଜରାଟର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ ଆରସିବିର ପ୍ରଥମ ପରାଜୟ।

ପୂର୍ବ ୨ ମ୍ୟାଚରେ ଦମ୍ଦାର ପ୍ରଦର୍ଶନ ଦେଇ ଆସିଥିବା ଆରସିବି ଏଠାରେ କିନ୍ତୁ ତାହାର ପୁନରାବୃତ୍ତି କରିପାରି ନ ଥିଲା। କାଗିଶୋ ରାବାଡ଼ାଙ୍କ ସ୍ଥାନରେ ସାମିଲ ହୋଇଥିବା ଅର୍ଶଦ ଖାଁ ଓ ପୂର୍ବରୁ ଆରସିବି ପକ୍ଷରୁ ଖେଳିଥିବା ମହମ୍ମଦ ସିରାଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଅର୍ଶଦ ମାତ୍ର ୭ ରନ କରିଥିବା ବିରାଟ କୋହଲିଙ୍କୁ ଆଉଟ କରି ଆରସିବିକୁ ଶକ୍ତ ଝଟ୍କା ଦେଇଥିଲେ। ଏହାପରେ ସିରାଜ ଯଥାକ୍ରମେ ଦେବଦତ୍ତ ପଡିକାଲ (୪) ଓ ଫିଲିପ ସଲ୍ଟ (୧୪)ଙ୍କୁ ପ୍ୟାଭିଲିୟନ ପଠାଇବାରୁ ଆରସିବି ବ୍ୟାକ୍ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ରଜତ ପଟିଦାରଙ୍କୁ ଈଶାନ୍ତ ଶର୍ମା ପ୍ୟାଭିଲିୟନ ପଥ ଦେଖାଇବାରୁ ୬.୨ ଓଭର ବେଳକୁ ଆରସିବି ସ୍କୋର ୪୨/୪ ହୋଇ ଯାଇଥିଲା। ଲିଆମ ଲିଭିଂଷ୍ଟୋନ ଓ ଜୀତେଶ ଶର୍ମା ସତର୍କତାର ସହ ଖେଳି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୫୨ ରନ ଯୋଗ ହେବାପରେ ଜୀତେଶ (୩୩)ଙ୍କୁ ଆଉଟ କରି ପାର୍ଟନରଶିପ୍ ଭାଙ୍ଗିଥିଲେ ରବିଶ୍ରୀନିବାସନ ସାଇ କିଶୋର। ଲିଭିଂଷ୍ଟୋନ ୪୦ ବଲ୍ରୁ ୫୪ (୧ ଚୌକା, ୫ ଛକା) ରନ କରିବାପରେ ସିରାଜଙ୍କ ତୃତୀୟ ଶିକାର ବନିଥିଲେ। ସିରାଜ ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍ରେ ମାତ୍ର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଶେଷ ଭାଗରେ ଟିମ୍ ଡାଭିଡ ଦ୍ରୁତ ୩୨ (୧୮ ବଲ, ୩ ଚୌକା, ୨ ଛକା) ରନ କରିବାରୁ ଆରସିବି ସ୍କୋର ୧୬୯ରେ ପହଞ୍ଚି ପାରିଥିଲା।

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୬୯/୮ (ଲିଆମ ଲିଭିଂଷ୍ଟୋନ-୫୪, ଜୀତେଶ ଶର୍ମା-୩୩, ଟିମ୍ ଡାଭିଡ-୩୨, ମହମ୍ମଦ ସିରାଜ-୩/୧୯, ଆର. ସାଇକିଶୋର-୨/୨୨, ପ୍ରସିଦ୍ଧ କ୍ରିଷ୍ଣା-୧/୨୬, ଅର୍ଶଦ ଖାଁ-୧/୧୭, ଈଶାନ୍ତ ଶର୍ମା-୧/୨୭)। ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୧୭୦/୨ (ଜୋସ ବଟଲର-୭୩*, ସାଇ ସୁଦର୍ଶନ-୪୯, ଶେର୍ଫାନେ ରଦରଫୋର୍ଡ-୩୦*, ଭୁବନେଶ୍ୱର କୁମାର-୧/୨୩, ଜୋଶ ହାଜେଲଉଡ୍-୧/୪୩)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)
**କୋଲ୍କାତା ବନାମ ହାଇଦ୍ରାବାଦ**
ସ୍ଥାନ: କୋଲ୍କାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

# ଗୋଆ ପାଇଁ ଖେଳିବେ ଜୟସ୍ୱାଲ


ଯଶସ୍ୱୀ ଜୟସ୍ୱାଲ

ମୁମ୍ବାଇ, ୨।୪(ପି.ଟି.)

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟକ୍ତିଗତ କାରଣରୁ ମୁମ୍ବାଇ ଛାଡ଼ି ଗୋଆ ପାଇଁ ଘରୋଇ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୟସ୍ୱାଲ ମଙ୍ଗଳବାର ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍ସିଏ) ଆଗରେ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। ଏମ୍ସିଏଠାରୁ ଅନୁମତି ମିଳିସାରିଥିବାରୁ ସେ ୨୦୨୫-୨୬ ସିଜନରେ ଗୋଆ ପାଇଁ ଖେଳିବେ।

ହଁ, ଏହା ନିଶ୍ଚିତ ଭାବେ ଚକିତ କଲାଭଳି ଘଟଣା। ସେ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ କିଛି ନିଶ୍ଚିତ ଚିନ୍ତା କରିଥିବେ। ସେ ଆମକୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ଏବଂ ଆମେ ତାହାକୁ ଗ୍ରହଣ କରିଛୁ ବୋଲି ଏମ୍ସିଏର ଜଣେ ଅଧିକାରୀ ବୁଧବାର କହିଛନ୍ତି। ଜୟସ୍ୱାଲ ଅନ୍ତିମଥର ମୁମ୍ବାଇ ପାଇଁ ଗତ ଜାନୁଆରୀରେ ଜମ୍ମୁ-କଶ୍ମୀର ବିପକ୍ଷରେ ରଣ୍ଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ୍ର ଉଭୟ ଇନିଂସରେ ସେ ଯଥାକ୍ରମେ ୪ ଓ ୨୬ ରନ୍ କରିଥିଲେ ଏବଂ ମୁମ୍ବାଇ ମ୍ୟାଚ୍ରେ ପରାଜିତ ହୋଇଥିଲା। ଗୋଆ କ୍ରିକେଟ ଆସୋସିଏଶନ(ଜିସିଏ) ସମ୍ପାଦକ ଶାମ୍ବା ଦେଶାଇ କହିଛନ୍ତି ଯେ, ସେ ଆମ ଦଳରେ ଖେଳିବାକୁ ଚାହୁଁଛନ୍ତି। ଆମେ ତାଙ୍କୁ ସ୍ୱାଗତ କରୁଛୁ। ସେ ଆମ ପାଇଁ ପରବର୍ତ୍ତୀ ସିଜନରେ ଖେଳିବେ। ସେ ଜାତୀୟ ଦଳ ଲାଗି ଡ୍ୟୁଟିରେ ନ ଥିବା ବେଳେ ଗୋଆ ଦଳର ଅଧିନାୟକ ହୋଇପାରିବେ। ସେ ଭାରତୀୟ ଦଳ ପାଇଁ ଖେଳନ୍ତି। ଏଣୁ ସେ ଅଧିନାୟକ ହୋଇପାରିବେ।

### ଘରୋଇ କ୍ରିକେଟ

ଆମେ ଏ ଦିଗରେ କାମ କରିବୁ। ଆମେ ତାଙ୍କ ଉପଲବ୍ଧତା ସମ୍ପର୍କରେ ଏପର୍ଯ୍ୟନ୍ତ କଥା ହୋଇନାହୁଁ। ଜୟସ୍ୱାଲ ତୃତୀୟ ମୁମ୍ବାଇ କ୍ରିକେଟର ଭାବେ ଗୋଆ ଦଳରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ ସିଦ୍ଧେଶ ଲାଡ୍ ଓ ଅର୍ଜୁନ ତେନ୍ଦୁଲକର ଗୋଆ ଦଳରେ ଯୋଗଦେଇଥିଲେ। ୨୦୨୩ ଜୁଲାଇ ଟେଷ୍ଟରେ ପଦାର୍ପଣ କରିଥିବା ଜୟସ୍ୱାଲ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍ରେ ୪ ଶତକ ଓ ୧୦ ଅର୍ଦ୍ଧଶତକ ସହ ୫୨ ଆଭରେଜ୍ରେ ରନ୍ କରିଛନ୍ତି।

# ସାମ୍ସନ ରାଜସ୍ଥାନ ଦଳର ନେତୃତ୍ୱ ନେବେ

ବେଙ୍ଗାଲୁରୁ, ୨।୪(ପି.ଟି.)

ସଞ୍ଜୁ ସାମ୍ସନ ଚଳିତ ଆଇପିଏଲ୍ରେ ଉଇକେଟ୍ କିପିଂ କରିବା ସହ ରାଜସ୍ଥାନ ରୟାଲ୍ସ(ଆର୍ଆର୍) ଦଳର ନେତୃତ୍ୱ ସମ୍ଭାଳିଥିଲେ। ତାଙ୍କୁ ଏଥିଲାଗି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍ସିଏ)ଠାରୁ ଅନୁମତି ମିଳିଥିଲା। ଗତ ଫେବୃଆରୀରେ ଇଂଲଣ୍ଡ ବିପକ୍ଷ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍ରେ ପେସର ଜୋଫ୍ରା ଆର୍ଚ୍ଚରଙ୍କ ଏକ ବାଉନ୍ସର ସାମ୍ସନଙ୍କ ଡାହାଣହାତ ବିସି ଆଙ୍ଗୁଠିରେ ବାଜିଥିଲା। ଏଥିଯୋଗୁ ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି କାରଣରୁ ସେ ଚଳିତ ଆଇପିଏଲ୍ରେ ପ୍ରଥମ ୩ ମ୍ୟାଚ୍ରେ ରାଜସ୍ଥାନ ଦଳର ନେତୃତ୍ୱ ନେଇପାରି ନ ଥିଲେ। କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ଏନ୍ସିଏର ଅନୁମତି ଲାଗି ମେଡିକାଲ ଟିମ୍ ଦ୍ୱାରା ତାଙ୍କ ଫିଟ୍ନେସ୍ର ମୂଲ୍ୟାଙ୍କନ କରାଯାଇଥିଲା। ସେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍ରେ ଦଳର ନେତୃତ୍ୱ ନେବେ। ରାଜସ୍ଥାନ ଏବେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଅଛି।

# କଟକରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ

## ଭାରତର ୨୦୨୫ ଘରୋଇ ସିଜନ କାର୍ଯ୍ୟସୂଚୀ ଘୋଷିତ

ନୂଆଦିଲ୍ଲୀ, ୨।୪(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ଦଳ ଲାଗି ଘରୋଇ ଅନ୍ତର୍ଜାତୀୟ ୨୦୨୫ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସିଜନରେ ଓଡ଼ିଶାର କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଖେଳାଯିବ।

ଅକ୍ଟୋବର ୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ଟିମ ଇଣ୍ଡିଆର ଘରୋଇ ସିଜନ ଆରମ୍ଭ ହେବ। ସିରିଜର ପ୍ରଥମ ମ୍ୟାଚ ଅହମ୍ମଦାବାଦରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ କୋଲକାତାରେ ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ଦଳର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଲାଗି ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରେ ଦକ୍ଷିଣ ଆଫ୍ରିକା ଏକ ସମ୍ପୂର୍ଣ୍ଣ କ୍ରିକେଟ ସିରିଜ ପାଇଁ ଭାରତ ଗସ୍ତରେ ଆସିବ। ଗୁଆହାଟୀରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ। ପ୍ରଥମ ଥର ପାଇଁ ଗୁଆହାଟୀ କୌଣସି ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହି ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୧୪ ତାରିଖରେ ନୂଆଦିଲ୍ଲୀରେ ଖେଳାଯିବ। ୨୨ ତାରିଖରୁ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ନଭେମ୍ବର ୩୦ ତାରିଖରେ ରାଞ୍ଚିରେ ପ୍ରଥମ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଦୁଇଟି ମ୍ୟାଚ ରାଇପୁର (ଡିସେମ୍ବର ୩) ଓ ବିଶାଖାପାଟନମ (ଡିସେମ୍ବର ୬)ରେ ହେବ। ଦିନିକିଆ ପରେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ। ସିରିଜର ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖରେ କଟକରେ ଖେଳାଯିବ। ପରବର୍ତ୍ତୀ ୪ଟି ମ୍ୟାଚ ଯଥାକ୍ରମେ ନୂଆ ଚଣ୍ଡିଗଡ଼ (ଡିସେମ୍ବର ୧୧), ଧର୍ମଶାଳା (୧୪), ଲକ୍ଷ୍ନୌ (୧୭) ଓ ଅହମ୍ମଦବାଦ (୧୯)ରେ ଅନୁଷ୍ଠିତ ହେବ।

### ଆଇଏସ୍ଏଲ୍ ସେମିଫାଇନାଲ

## ପ୍ରଥମ ଚରଣରେ ବେଙ୍ଗାଲୁରୁ ବିଜୟୀ

ବେଙ୍ଗାଲୁରୁ, ୨।୪(ପି.ଟି.)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମ ଚରଣରେ ଆୟୋଜକ ବେଙ୍ଗାଲୁରୁ ଏଫ୍ସି ୨-୦ ଗୋଲରେ ଏଫ୍ସି ଗୋଆକୁ ପରାସ୍ତ କରିଛି। ମ୍ୟାଚର ୪୨ତମ ମିନିଟରେ ସନ୍ଦେଶ ଝିଙ୍ଗାନଙ୍କ ଆତ୍ମଘାତୀ ଗୋଲ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ବେଙ୍ଗାଲୁରୁ ଏଫସି ୧-୦ ଗୋଲରେ ଆଗରେ ରହିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଏଡଗାର ମେଣ୍ଡେଜ (୫୧ତମ ମିନିଟ) ଦଳ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ସେମିଫାଇନାଲ ମ୍ୟାଚର ଦ୍ୱିତୀୟ ଲେଗ୍ ମ୍ୟାଚ ଆସନ୍ତା ରବିବାର ଖେଳାଯିବ।

# କିଟ୍ରେ ଆନ୍ତଃ ଜୋନ୍ ମହିଳା ବିଶ୍ୱବିଦ୍ୟାଳୟ କ୍ରିକେଟ


ଅତିଥିଙ୍କ ଗହଣରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଦଳ।

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଦେଶର ୧୬ଟି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଛନ୍ତି। କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଅବସରପ୍ରାପ୍ତ ଏନ୍ଆଇଏସ୍ କ୍ରିକେଟ କୋଚ୍ ଅଜିତ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସବୁ ଦଳର ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଆସୋସିଏଟ୍ ଭେଟେରାନ୍ ଚାମ୍ପିୟନ


ଚାମ୍ପିୟନ ଆସୋସିଏଟ୍ ଭେଟେରାନ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସେକେଣ୍ଡ ଇନିଂସ୍ କ୍ରିକେଟ କପ୍

ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)

ସେକେଣ୍ଡ ଇନିଂସ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏବଂ ସନ୍ଧ୍ୟା ସାଥୀ ସଂଘ ସହଯୋଗରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ସିଜନ-୨ରେ ଆସୋସିଏଟ୍ ଭେଟେରାନ୍ସ(ଏଭି) ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଏବି ୟୁନିକନ୍କୁ ହରାଇ ଦେଇଛି। ଚାମ୍ପିୟନ ଦଳର ରାଜେଶ କୁମାର ପାଇକରାୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ରନରଅପ୍ ଦଳର ଦେବାଶିଷ ଫାଇଟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଦଳର ସଞ୍ଜୟ କୁମାର ଶତପଥୀ ଶ୍ରେଷ୍ଠ ବୋଲର, ରାଜେଶ କୁମାର ପାଇକରାୟ ଶ୍ରେଷ୍ଠ ବ୍ୟାଟର ଏବଂ ଟିସିଏସ୍ ଦଳର କାନ୍ତ ଏ. ପଟ୍ଟନାୟକ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୋଆ ଗ୍ରାଉଣ୍ଡରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସନ୍ଧ୍ୟା ସାଥୀ ସଂଘ ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ମାନସ ସାହୁ ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଦୃଷ୍ଟିବାଧିତ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ(ଏଆଇସିଏଫ୍ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍ଡ(ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଭାରତର ଶ୍ରେଷ୍ଠ ଦୃଷ୍ଟିହୀନ ଚେସ୍ ପ୍ରତିଭାଙ୍କ ମଧ୍ୟରେ ଗୌରବ ପାଇଁ ଲଢ଼େଇର ମଞ୍ଚ ପ୍ରସ୍ତୁତ କରିଛି। ଏହି ସମ୍ମାନ୍ଜନକ ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇ ଗ୍ରୁପ୍ର ଅଧ୍ୟକ୍ଷ ସିଲ୍ପି ସାହୁ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଏଆଇସିଏଫ୍ବି ଉପସଭାପତି କିଷାନ ଗାଙ୍ଗୁଲି, କୋଷାଧ୍ୟକ୍ଷ ସ୍ୱପ୍ନିଲ ଶାହା, ଓସିଏଭିସି ସମ୍ପାଦକ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

୧୫ ରାଜ୍ୟର ମୋଟ ୫୨ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୩ ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ସହ ଓଡ଼ିଶାର ୪ ପ୍ରତିଯୋଗୀ ସାମିଲ। ଚାମ୍ପିୟନଶିପ୍ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍(ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। କର୍ଣ୍ଣାଟକର କିଷାନ ଗାଙ୍ଗୁଲି(୨୦୧୩ ରେଟିଂ) ପ୍ରତିଯୋଗିତାର ଟପ୍ ସିଡ୍ର ମାନ୍ୟତା ପାଇଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ(୧୯୫୨), ଗୁଜରାଟର ଦର୍ପନ ଇରାନୀ(୧୯୩୯), ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ(୧୯୨୮) ଓ ଶୁଭେନ୍ଦୁ ପାତ୍ର(୧୮୭୪) ସହ ଅନ୍ୟ ୪ ସିଡେଡ୍ ଖେଳାଳି ରହିଛନ୍ତି। ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ କ୍ରୀଡ଼ା ବିଭାଗର ସମର୍ଥନ ରହିଛି।



ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ